ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
୨୬ ବର୍ଷରେ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.129 Bhubaneswar Wednesday June 26 2024 | ୨୬ତମ ବର୍ଷ ସଂଖ୍ୟା-୧୨୯ ଭୁବନେଶ୍ୱର, ବୁଧବାର, ଜୁନ ୨୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ମନୋଜ ଆହୁଜା ପରବର୍ତ୍ତୀ ମୁଖ୍ୟ ସଚ୍ଚିବ, ପ୍ରଶାସନିକ ନବକଳେବର ଖୁବଶୀଘ୍ର !

ଭୁବନେଶ୍ୱର, ୨୫ ।୬(ପି.ଏନ): ୧୯୯୦ ବ୍ୟାଚ୍ ଆଇଏଏସ୍ ମନୋଜ ଆହୁଜା ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚ୍ଚିବ ହୋଇପାରନ୍ତି । ଆଜି କେନ୍ଦ୍ର ସରକାର ତାଙ୍କୁ ନିଜ ଗୃହ କ୍ୟାଡର ଓଡିଶାକୁ ଫେରାଇ ଦେବାପରେ ଏଭଳି ସମ୍ଭାବନା ସୃଷ୍ଟି ହୋଇଛି । ରାଜ୍ୟର ପ୍ରଥମ ବିଜେପି ସରକାର ଶ୍ରୀ ଆହୁଜାଙ୍କୁ ଓଡିଶା ଫେରାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ଆହୁଜାଙ୍କ ଫେରିବା ପରେ ରାଜ୍ୟରେ ବଡଧରଣର ପ୍ରଶାସନିକ ଅଦଳବଦଳ ହେବ ବୋଲି ଜଣାପଡିଛି ।ସୂଚ୍ନା ଅନୁସାରେ, ନିଯୁକ୍ତି ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ କମିଟି ଆଜି ୧୯୯୦ ବ୍ୟାଚ୍ ଆଇଏଏସ୍ ମନୋଜ ଆହୁଜାଙ୍କୁ ଓଡିଶା କ୍ୟାଡରକୁ ଫେରିବା ପାଇଁ ଅନୁମତି ଦେଇଛନ୍ତି । ଓଡିଶା ସରକାର ଶ୍ରୀ ଆହୁଜାଙ୍କ କେନ୍ଦ୍ରୀୟ ଡେପୁଟେସନ ଅବଧିକୁ ସମାପ୍ତ କରି ଫେରାଇ ଦେବାକୁ ଅନୁରୋଧ କରିଥିଲେ । ରାଜ୍ୟ ସରକାରଙ୍କ ଅନୁରୋଧକୁ ବିଚ୍ାର କରି କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତ କମିଟି ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି ।



ଶ୍ରୀ ଆହୁଜା ଏବେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚ୍ଚିବ ଭାବେ କାର୍ଯ୍ୟ କରୁଛନ୍ତି ।ବର୍ତ୍ତମାନର ମୁଖ୍ୟ ସଚ୍ଚିବ ୧୯୮୯ ବ୍ୟାଚ୍ ଆଇଏଏସ୍ ପ୍ରଦୀପ କୁମାର ଜେନାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଚ୍ଳିତମାସ ୩୦ତାରିଖରେ ଶେଷ ହେଉଛି । ତାଙ୍କର କାର୍ଯ୍ୟକାଳ ବୃଦ୍ଧି ନକରି ତାଙ୍କୁ ତୃତୀୟ ମହଲା (ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ)ରେ ଅବସ୍ଥାପିତ କରାଯିବାର ସମ୍ଭାବନା ରହିଛି । ତେବେ ଏନେଇ ସ୍ପଷ୍ଟ ସୂଚ୍ନା ମିଳିନଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓ ଅଭିଜ୍ଞ ଓଡିଆ ଅଫିସରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀ ଜେନାଙ୍କୁ ସେଠାରେ ନିଯୁକ୍ତି ଦିଆଯାଇପାରେ ବୋଲି ଜଣାପଡିଛି ।ଏପଟେ ରାଜ୍ୟର ବିଜେପି ସରକାର ପ୍ରଶାସନିକ ସ୍ତରରେ ବଡଧରଣର ଅଦଳବଦଳ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଶେଷକରି ଉନ୍ନୟନ କମିଶନରଙ୍କଠୁ ଆରମ୍ଭ କରି ସମସ୍ତ ବିଭାଗର ସଚ୍ଚିବଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିପାରେ । ରାଜ୍ୟର ଅଧିକାଂଶ ବିଭାଗର ସଚ୍ଚିବ ଓ ପ୍ରମୁଖ ସଚ୍ଚିବ ପଦବୀରେ ଅଣଓଡିଆ ଅଫିସର ରହିଥିବାରୁ ରାଜ୍ୟ ସରକାର ଓଡିଆ-ଅଣଓଡିଆ ଭଳି ପ୍ରଭେଦ ସୃଷ୍ଟି କରି ପ୍ରଶାସନିକ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚ୍ାହୁଁନଥିବା ଜଣାପଡିଛି । ସେଥିପାଇଁ ସରକାର ମୁଖ୍ୟ ସଚ୍ଚିବ ପାହ୍ୟାରେ ଶ୍ରୀ ଆହୁଜାଙ୍କୁ ଅବସ୍ଥାପିତ କରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ରାଜ୍ୟର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଶ୍ରୀ ଆହୁଜାଙ୍କୁ ମୁଖ୍ୟ ସଚ୍ଚିବ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ମିଳିପାରେ। ଯେହେତୁ ରାଜ୍ୟର ବିଜେପି ସରକାର ତାଙ୍କୁ ଓଡିଶା ଫେରାଇ ଆଣୁଛନ୍ତି, ତେଣୁ ତାଙ୍କୁ ମୁଖ୍ୟ ସଚ୍ଚିବ ପଦବୀ ମିଳିବାର ସମ୍ଭାବନା ଅଧିକ । ବରିଷ୍ଠତା ଦୃଷ୍ଟିରୁ ଦେଖିଲେ ଶ୍ରୀ ଜେନାଙ୍କ ପରେ ୧୯୯୦ ବ୍ୟାଚ୍‌ର ନିତେନ ଚ୍ନ୍ଦ୍ର ଓ ତାଙ୍କ ପରେ ଶ୍ରୀ ଆହୁଜା ଅଛନ୍ତି । ନିତେନ ଚ୍ନ୍ଦ୍ର କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସଚ୍ଚିବ ଅଛନ୍ତି । ତେଣୁ ରାଜ୍ୟ ସରକାର ଶ୍ରୀ ଆହୁଜାଙ୍କୁ ଆଣି ମୁଖ୍ୟ ସଚ୍ଚିବ ପଦବୀରେ ଅବସ୍ଥାପିତ କରିବା ଆପାତତଃ ଚୂଡାନ୍ତ ହୋଇଛି । ଶ୍ରୀ ଆହୁଜା ଚ୍ଳିତବର୍ଷ ଡିସେମ୍ବରରେ ସରକାରୀ ଚ୍ାକିରିରୁ ଅବସର ନେବେ । ଅବଶ୍ୟ ତାଙ୍କର କାର୍ଯ୍ୟକାଳକୁ ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ବୃଦ୍ଧି କରିପାରନ୍ତି । ସେହିପରି ପୁଲିସ ପ୍ରଶାସନର ମୁଖ୍ୟ ଭାବେ ଅରୁଣ କୁମାର ଷଡଙ୍ଗୀଙ୍କୁ ସ୍ଥାୟୀ ଡିଜି ପଦବୀରେ ନିଯୁକ୍ତି ମଧ୍ୟ ମିଳିବାର ସମ୍ଭାବନା ରହିଛି ।

# ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ କ୍ୱାର୍ଟର୍ସରେ ଜିଏ ଅଧିକାରୀ; 'କାହିଁକି ଭଙ୍ଗାଯାଉଛି ନିର୍ମାଣ ହୋଇଥିବା ଘର ?'



ଭୁବନେଶ୍ୱର, ୨୫ ।୬(ପି.ଏନ): ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ କ୍ୱାର୍ଟର୍ସରେ ଜିଏ ଅଧିକାରୀ । ପ୍ରଣବଙ୍କ କ୍ୱାର୍ଟର୍ସ ଭିତରକୁ ଗଲେ ୩ ଅଧିକାରୀ। ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଭିତରେ ବୁଲିଲେ ଜିଏ ଅଧିକାରୀ । ପ୍ରଣବଙ୍କ କ୍ୱାର୍ଟର୍ସ ଭିତରେ ନିର୍ମାଣ ଭଙ୍ଗାକୁ ନେଇ ଦେଖାଦେଇଛି ବିବାଦ । କାହିଁକି ନିର୍ମାଣ ହୋଇଥିଲା ଏବଂ କାହିଁକି ଭଙ୍ଗାଯାଉଛି, ତାକୁ ନେଇ ଯୋରଦାର ଚ୍ର୍ଚ୍ଚା ।ବବିଙ୍କ କ୍ୱାର୍ଟର୍ସ ଦେଖିବା ପରେ ଜିଏ ଅଧିକାରୀଙ୍କ ବଡ଼ ସୂଚ୍ନା । ନିର୍ମାଣ ପାଇଁ ଅନୁମତି ନଥିଲେ କାର୍ଯ୍ୟାନୁଷ୍ଠାନ ହେବ କହିଲେ । ମୂଳ କ୍ୱାର୍ଟର୍ସ ଯାହା ଯେମିତି ଥିଲା, ସେମିତି ରହିଛି କହିଲେ ଜିଏ ଅଧିକାରୀ । 'କ୍ୱାର୍ଟର୍ସ ପରିସରରେ ଦୁଇଟି ବଡ଼ କୋଠା ନିର୍ମାଣ କରାଯାଇଛି'।"ପ୍ରାୟ ୨ ହଜାର ବର୍ଗଫୁଟର ଷ୍ଟିଲ ଷ୍ଟ୍ରକଚ୍‌ର ନିର୍ମାଣ କରାଯାଇଛି । ନିର୍ମାଣ କରାଯାଇଥିବା ଏହି ଷ୍ଟ୍ରକଚ୍‌ର ଦୁଇଟି ଭଙ୍ଗାଯାଇଛି । ଏ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା କି ନାହିଁ ତଦନ୍ତ ହେବ । ଯଦି ନିର୍ମାଣ ବେଆଇନ ହୋଇଥିବ, କାର୍ଯ୍ୟାନୁଷ୍ଠାନ ନିଆଯିବ।"

# ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଦେଖିବାରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ, ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି

ପୁରୀ, ୨୫ ।୬(ପି.ଏନ): ଆଉ ଦିନ କେଇଟା ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ଜୋରସୋରେ ଚ୍ାଲିଛି ସମସ୍ତ ପ୍ରସ୍ତୁତି । ନିକଟରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଶେଷ ହେବା ପରେ ବର୍ତ୍ତମାନ ସେ ଅନବସରରେ ଅଛନ୍ତି । ଏଥିମଧ୍ୟରେ ଏକ ବଡ ଖବର ସାମ୍ନାକୁ ଆସୁଛି । ଚ୍ଳିତ ବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନରୁ ବଞ୍ଚିତ ହେବେ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଚ୍ଳିତ ବର୍ଷ ଗୋଟିଏ ଦିନରେ ପଡୁଛି ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚ୍ା ଯାତ୍ରା । ତେଣୁ ନୀତିକୁ ତ୍ୱରାନ୍ୱିତ କରିବା ପାଇଁ ନବଯୌବନ ଦର୍ଶନ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି । ଭକ୍ତଙ୍କର ଭିଡ କମ୍ କରିବା ପାଇଁ ନବଯେବନ



ଦର୍ଶନ ହେବ ନାହି । ଏହା ସହ ନୀତିର ଯଥେଷ୍ଟ ପୂର୍ବରୁ ସେବାୟତମାନେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଭକ୍ତଙ୍କୁ ପହଣ୍ଡି ଟିକେଟ୍ ମଧ୍ୟ ମିଳିବ ନାହିଁ ।କି ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ଅନୁମତି ନାହିଁ । ଏବର୍ଷ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଗୁଣ୍ଡିଚ୍ା ଯାତ୍ରା ଏକାଠି ପଡୁଛି । ତେଣୁ ସମୟ କମ୍ ଥିବାରୁ ଭିଡ ନିୟନ୍ତ୍ରଣ ନେଇ ଶ୍ରୀମନ୍ଦିର ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛନ୍ତି । ସୋମବାର ଛତିଶା ନିଯୋଗ ବୈଠକରେ ହୋଇଥିବା ନିଷ୍ପତ୍ତିକୁ କାଏମ ରଖିବାକୁ ଶ୍ରୀମନ୍ଦିର ପରିଚ୍ାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ରଥଯାତ୍ରା ବ୍ୟବସ୍ଥାବଳି ଓ ନୀତି ନିର୍ଘଣ୍ଟକୁ ଅନୁମୋଦନ କରିଛି କମିଟି।

## ଜୁଲାଇ ପହିଲାରୁ ବଦଳିପାରେ କ୍ରେଡିଟ୍ କାର୍ଡ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିୟମ

ଭୁବନେଶ୍ୱର, ୨୫ ।୬(ପି.ଏନ): ଜୁଲାଇ ୧ରୁ ବଦଳିପାରେ କ୍ରେଡିଟ୍ କାର୍ଡ ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (RBI) ଜୁଲାଇ ୧ରୁ ଆଣିବାକୁ ଯାଉଛନ୍ତି ଏହି ନୂଆ ନିୟମ। ଏହି ନୂଆ ନିୟମ ଅନୁସାରେ,ବିଲ୍

## ହଟିବ ରେଡ୍ ଲାଇଟ୍, ଲାଗିବ ବିକଳ୍ପ ବ୍ୟବସ୍ଥା: ଟ୍ରାଫିକ ଝାମେଲାରୁ ମିଳିବ ମୁକ୍ତି

ଭୁବନେଶ୍ୱର: ରାଜଧାନୀର ରାଜରାସ୍ତାରେ ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇବେ ଜନତା । ଶିକି ଟ୍ରାଫିକ ପୋଷ୍ଟରୁ ହଟିବ ରେଡ୍ ଲାଇଟ୍ । ଏହା ପରିବର୍ତ୍ତ ? ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏ ନେଇ ସୂଚ୍ନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚ୍ନ୍ଦ୍ର ମହାପାତ୍ର । ଓଭର ବ୍ରିଜ, ଆପ୍ରୋଚ୍ ରୋଡ ପରି ବିଭିନ୍ନ ବ୍ୟବସ୍ଥା ହେବା ନେଇ ମନ୍ତ୍ରୀ ସୂଚ୍ନା ଦେଇଛନ୍ତି । ତେବେ ଏ ନେଇ ଖୁବଶୀଘ୍ର ବିଭାଗୀୟ ସ୍ତରୀୟ ଆଲୋଚ୍ନା ହେବ ଏବଂ ଏହା ଉପରେ ନିଷ୍ପତ୍ତି ନିଆଯିବ ।ରେଡ୍ ଲାଇଟ ଯୋଗୁଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡି ଅଟକି ରହୁଥିବା ବେଳେ ଟ୍ରାଫିକ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି । ଏହାବ୍ୟତୀତ ସାଧାରଣ ଜନତାଙ୍କୁ ଏହି ଟ୍ରାଫିକ ଯୋଗୁଁ ଖରା-ବର୍ଷା ଇତ୍ୟାଦି ଅନେକ ସମସ୍ୟା ଭୋଗିବାକୁ ପଡୁଛି । ତେଣୁ ଏହି ରେଡ୍ ଲାଇଟ୍ ବ୍ୟବସ୍ଥା ହଟାଇ ବିକଳ୍ପ ବ୍ୟବସ୍ଥା ଲାଗୁ କରିବା ପାଇଁ ସରକାର ଚ୍ିନ୍ତା କରୁଛନ୍ତି ।ଅନ୍ୟପଟେ ଟ୍ୱିନ ସିଟିରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାମ ଇତ୍ୟାଦି ଚ୍ାଲୁ ରହିବ । ରାଜ୍ୟ ବଜେଟ ପରେ ଆବଶ୍ୟକ ପଡିଲେ କେନ୍ଦ୍ର ସରକାରଙ୍କ ସହଯୋଗ ନିଆଯିବ ।

# ୧୦ ବର୍ଷ ପରେ ବିଜେପି ଛାଡି ଶରଦ ପାୱାରଙ୍କ ପାଖକୁ ଫେରିଲେ ସୂର୍ଯ୍ୟକାନ୍ତା ପାଟିଲ

ଭୁବନେଶ୍ୱର, ୨୫ ।୬(ପି.ଏନ):କିଛି ଦିନ ତଳେ ବିଜେପି ଛାଡିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୂର୍ଯ୍ୟକାନ୍ତା ପାଟିଲ ଆଜି ଶରଦ ପାୱାରଙ୍କ ଏନସିପିରେ ସାମିଲ ହୋଇଛନ୍ତି। ଦୀର୍ଘ ୧୦ ବର୍ଷ ପରେ ସେ ଶରଦ ପାୱାରଙ୍କ ପାଖକୁ ଫେରିଛନ୍ତି। ୨୦୧୪ରେ ସେ ଶରଦ ପାୱାରଙ୍କୁ ଛାଡି ବିଜେପିରେ ସାମିଲ ହୋଇଥିଲେ ।ଏବେ କିନ୍ତୁ ସେ ଦଳକୁ ଫେରିଛନ୍ତି। ଶନିବାର ସୂର୍ଯ୍ୟକାନ୍ତା ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଆଜି ସେ ଏନସିପିର ଶରଦ ପାୱାର ଗୋଷ୍ଠୀରେ ମିଶିଛନ୍ତି।



# ଯୋଜନା-ସଂଯୋଜନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ; ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବାକୁ ପରାମର୍ଶ

ଭୁବନେଶ୍ୱର, ୨୫ ।୬(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ୍ରଣ ମାଝୀ ଆଜି ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟ ସମୀକ୍ଷା କରି ଏକ ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ନୂଆ ସରକାରଙ୍କ ଉପରେ ଜନ ସାଧାରଣଙ୍କ ବହୁତ୍ ଆଶା ଆକାଂକ୍ଷା ଅଛି ବୋଲି ସେ ମତ ଦେବା ସହିତ ରାଜ୍ୟ ଯୋଜନା ବଜେଟ୍ ରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ସେ କହିଥିଲେ ।ଯୋଜନା ଗୁଡିକ ଯେପରି ତୃଣମୂଳ ସ୍ତରରେ ଠିକ୍ ଭାବରେ ପହଞ୍ଚିବ ଓ ଲୋକ ଏହାର ସୁଫଳ ପାଇବେ ସେ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ ଦେଇ ଏହି ପାଣ୍ଠି ସହାୟତାରେ ଖଣି ଅଞ୍ଚଳର ଜିଲ୍ଲା ଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜିଲ୍ଲା ସ୍ଥିତ ମେଡିକାଲ କଲେଜ ଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଥିଲେ ।ଦଳର ସଂକଳ୍ପ ଅନୁଯାୟୀ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ପ୍ରସ୍ତୁତ କରି ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସଂକଳ୍ପ ପତ୍ରର ସବୁ ପ୍ରମୁଖ ପ୍ରତିଶ୍ରୁତି ଗୁଡ଼ିକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ; ଆଗାମୀ ୫ ଦିନ ପ୍ରବଳ ବର୍ଷା !

ଭୁବନେଶ୍ୱର, ୨୫ ।୬(ପି.ଏନ): ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ଆଗାମୀ ୫ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଉ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ସତର୍କ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତିଙ୍କ କହିବା ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ଓଡିଶାର କେତେକ ଜିଲ୍ଲାରେ ହାଲ୍ ?କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ,



ଯାଜପୁର, କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଅନୁଗୋଳ, ନୟାଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡା, ନୂଆପଡା ଓ ବଲାଙ୍ଗିର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡଘଡି ମାରିପାରେ। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ବାଚ୍ସ୍ପତି ନିର୍ବାଚ୍ନ: ଟିଏମସି ଓ କଂଗ୍ରେସ ମଧ୍ୟରେ ଫାଟ !

ଭୁବନେଶ୍ୱର, ୨୫ ।୬(ପି.ଏନ):ସ୍ୱାଧୀନତା ପରେ ପ୍ରଥମଥର ପାଇଁ ସମ୍ଭବତଃ ଲୋକସଭାର ବାଚ୍ସ୍ପତି ପଦ ପାଇଁ ନିର୍ବାଚ୍ନ ହେବାକୁ ଯାଉଛି। ବିଜେପି ନେତୃତ୍ୱାଧୀନ ଏନଡିଏ ଓମ ବିର୍ଲାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ୮ ଥରର ସାଂସଦ କେ ସୁରେଶଙ୍କୁ ତାଙ୍କ ସାମ୍ନାରେ ରଖିଛି ।ବିରୋଧୀ ମେଣ୍ଟ ଇଣ୍ଡିଆର ଦାବିକୁ ଏନଡିଏ ଗ୍ରହଣ କରି ନଥିବାରୁ ସେମାନେ ବାଧ୍ୟ ହୋଇ ପ୍ରାର୍ଥୀ ଦେଇଥିବା କହିଛନ୍ତି। ଅବଶ୍ୟ ଏନଡିଏ ପାଖରେ ସଂଖ୍ୟା ରହିଥିବାରୁ ବାଚ୍ସ୍ପତି ପଦ ମେଣ୍ଟ ପାଖକୁ ଯିବ। କିନ୍ତୁ ପ୍ରଥମଥର ଏହି ପଦ ପାଇଁ ନିର୍ବାଚ୍ନ ହେବ।



ବାବୁ ଓ ମାଫିଆ !

ଭୁବନେଶ୍ୱର, ୨୫ ।୬(ପି.ଏନ):ଖୋଲିବ ଖଣି ଦୁର୍ନୀତି ପେଡି। ଜେଲ୍ ଯିବେ ଖଣି ମାଫିଆଙ୍କ ସହ ମଧୁଚ୍ନ୍ଦ୍ରିକାରେ ଥିବା ଅଧିକାରୀ। ଶାହ କମିଶନ ନିର୍ଦ୍ଦେଶ ଅନୁସାରେ କେବଳ ଜରିମାନା ଦେଇ ଖସି ଯାଇଥିବା ଖଣି ମାଲିକ, ମାଫିଆ, ନେତା ଓ ଅଧିକାରୀଙ୍କୁ କାଠଗଡାକୁ ଟାଣିବାକୁ ମୋହନ ଚ୍ରଣ ମାଝୀ ସରକାରର ପ୍ରସ୍ତୁତି ଆରମ୍ଭ କଲେଣି। ବିଜେଡି ସରକାରରେ ସବୁଠୁ ବଡ ଦୁର୍ନୀତି ଖଣି ଦୁର୍ନୀତିର ଚେର ଖୋଜିବାରେ ଲାଗି ପଡିଛନ୍ତି ନୂଆ ବିଜେପି ସରକାର।

# ଖୋଲିବ ଖଣି ଦୁର୍ନୀତି ପେଡି; ଜେଲ୍ ଯିବେ ବାବୁ ଓ ମାଫିଆ !

ଭୁବନେଶ୍ୱର, ୨୫ ।୬(ପି.ଏନ):ଖୋଲିବ ଖଣି ଦୁର୍ନୀତି ପେଡି। ଜେଲ୍ ଯିବେ ଖଣି ମାଫିଆଙ୍କ ସହ ମଧୁଚ୍ନ୍ଦ୍ରିକାରେ ଥିବା ଅଧିକାରୀ। ଶାହ କମିଶନ ନିର୍ଦ୍ଦେଶ ଅନୁସାରେ କେବଳ ଜରିମାନା ଦେଇ ଖସି ଯାଇଥିବା ଖଣି ମାଲିକ, ମାଫିଆ, ନେତା ଓ ଅଧିକାରୀଙ୍କୁ କାଠଗଡାକୁ ଟାଣିବାକୁ ମୋହନ ଚ୍ରଣ ମାଝୀ ସରକାରର ପ୍ରସ୍ତୁତି ଆରମ୍ଭ କଲେଣି। ବିଜେଡି ସରକାରରେ ସବୁଠୁ ବଡ ଦୁର୍ନୀତି ଖଣି ଦୁର୍ନୀତିର ଚେର ଖୋଜିବାରେ ଲାଗି ପଡିଛନ୍ତି ନୂଆ ବିଜେପି ସରକାର। ଦାୟିତ୍ୱ ନେବାର



୧୫ ଦିନ ନହେଉଣୁ, ସିଧାସଳଖ ଖଣି ମାଫିଆଙ୍କୁ ନିଶାନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚ୍ରଣ ମାଝୀ ।ମୁଖ୍ୟମନ୍ତ୍ରୀ ହେଲା ପରେ ପ୍ରଥମ ଥର ପାଇଁ ନିଜ ଜନ୍ମମାଟି କେନ୍ଦୁଝର ଗସ୍ତରେ ଯାଇଥିବା ବେଳେ ପୂର୍ବ ସରକାର ଉପରେ ଗର୍ଜିଛନ୍ତି ମୋହନ ଚ୍ରଣ ମାଝୀ। ସେ କହିଛନ୍ତି, କେନ୍ଦୁଝର ଖଣି ଲୁଟ୍‌ରେ ସେତେବେଳର ରାଜ୍ୟ ସରକାର ସମ୍ପୃକ୍ତ ରହିଛନ୍ତି। ୨୦୧୯ ମସିହାରେ ବିଧାନସଭାରେ କେନ୍ଦୁଝରର ହକ୍ ପାଇଁ ଲଢ଼େଇ ହୋଇଥିଲା। କିଛି ଅଣ ଓଡିଆ କେନ୍ଦୁଝରର ଗରିବ, ଆଦିବାସୀଙ୍କୁ ଲୁଟିଛନ୍ତି। ଯେଉଁମାନେ ଲୁଟ୍ କରିଛନ୍ତି, ସେମାନେ ମୋ ନଜରରେ ଅଛନ୍ତି। କେହି ବର୍ତ୍ତି ପାରିବେ ନାହିଁ। ସମସ୍ତଙ୍କୁ ଜେଲ୍ ପଠାଇବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ୨୬ରେ ଘୂର୍ଣ୍ଣିବଳୟ, ୨୭ରୁ ବର୍ଷିବ: ଏହିସବୁ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୫ ।୬(ପି.ଏନ): ଜୁନ୍ ମାସ ଶେଷ ହେବାକୁ ବସିଲାଣି, ହେଲେ ବର୍ଷାର ଦେଖା ନାହିଁ । ଜୁନ୍ ୧ରୁ ଆଜିସୁଦ୍ଧା ରାଜ୍ୟରେ ସ୍ୱାଭାବିକ ଭାବେ ୮୩.୬ ମିଲିମିଟର ବର୍ଷା ହେବା କଥା । ମାତ୍ର ସେହି ଅନୁଯାୟୀ ବର୍ଷା ହୋଇନାହିଁ । ଫଳରେ ଚ୍ାଷକାର୍ଯ୍ୟ ବ୍ୟାହତ ହୋଇଛି । ୨୪ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଯୋଗୁ ପରିସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି । ତେବେ ଆସନ୍ତା ୨୬ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ସେଥିପାଇଁ ଆଗାମୀ ୪୮ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ବର୍ଷା ସହ ଘଡଘଡି ଓ ବଜ୍ରପାତ ହେବାର ସମ୍ଭାବନା ରହିଛି । ଯଦିଓ ୨୬ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ, ତେବେ ୨୭ ଓ ୨୮ ତାରିଖରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ।ସେ କହିଛନ୍ତି ଯେ ୨୬ ତାରିଖ ସକାଳ ପର୍ଯ୍ୟନ୍ତ ନୂଆପଡା, ବଲାଙ୍ଗୀର, ବରଗଡ, ସୋନପୁର, ସମ୍ବଲପୁର, ଝାରସୁଗୁଡା, ଦେବଗଡ, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ସହ ଘଡଘଡି ଓ ବଜ୍ରପାତ ହେବାର ସମ୍ଭାବନା ରହିଛି । ବର୍ଷା ସମୟରେ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବା ମଧ୍ୟ ସେ ସୂଚ୍ନା ଦେଇଛନ୍ତି । ଉପକୂଳ, ଦକ୍ଷିଣ ଓ ଉତ୍ତର ଆଭ୍ୟନ୍ତରୀଣ ଓଡିଶାରେ ମଧ୍ୟ ବର୍ଷାର ପ୍ରକୋପ ଜାରି ରହିବ । ୨୬ ତାରିଖ ସକାଳ ସାଢେ ୮ଟାରୁ ୨୭ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, ରାୟଗଡା ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ବର୍ଷା ହୋଇପାରେ ବୋଲି ସୂଚ୍ନା ଦିଆଯିବା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ, ପୁରୀ ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ଘଡଘଡି ଓ ବଜ୍ରପାତ ହେବାର ସମ୍ଭାବନା ରହିଛି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଟକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୂକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଅବହେଳିତ କେନ୍ଦ୍ରାପଡ଼ାର ଭାଗ୍ୟ କ'ଣ ବଦଳିବନି !

ସମୁଦ୍ର, ନଦୀ, ନାଳ, ବନାନୀ ଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର ଗର୍ଭ ମଧ୍ୟରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର, ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ୧୯୯୯ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏପରିକି କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି। ବଙ୍ଗୋପସାଗର କୂଳବର୍ତ୍ତୀ ଏହି ଜିଲ୍ଲାର ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତ୍ତୀ ସୀମା ୪୮୦ କିଲୋମିଟର। ଏହି ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ। ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି। ମୋଟ ୨୪୯ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୫୫୨ଟି ଗ୍ରାମ ରହିଛି ଏହି ଜିଲ୍ଲାରେ। ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା। ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକ ଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି।



ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା, ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏଠାରେ ଥିବା ବିଶ୍ୱବିଖ୍ୟାତ କଇଁଛ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ



ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇପାରୁନାହିଁ। ପ୍ରାକୃତିକ ଦୃଶ୍ୟ ରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଭଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା'ର ଉପଯୁକ୍ତ ଉପଯୋଗ ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇପାରନ୍ତା।

ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀତା ଉପରେ ବ୍ୟାପକ ସମୀକ୍ଷା ହେଉନଥିବାରୁ ପ୍ରକୃତ ହିତାଧିକାରୀମାନେ ଉପକୃତ ହୋଇପାରୁନାହାଁନ୍ତି। ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୨ ଲକ୍ଷ ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶ ବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଲାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରା ଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଥ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ପ୍ରତି ମୁହୂର୍ତ୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ। ୧୯୮୦ ରେ ବରୁଣେଇ ନିକଟସ୍ଥ ଜଗରିଜୋର ଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ଅତି ଶୀଘ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛି ବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ। ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ୧୦ ରୁ ଉର୍ଦ୍ଧ୍ୱ ନିର୍ମାଣାଧିନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସନ୍ମୁଖିନ ହେଉଛନ୍ତି।



ସମୁଦ୍ର ତଟବର୍ତ୍ତୀ ଗାଁ ଗୁଡ଼ିକର ଅବସ୍ଥା ଭାରି ସାଂଘାତିକ। ଇତିମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଲାବନରେ ମିଳେଇ ଯାଇଛି। ସାତଭାୟା ଅଂଚଳର ଅଧିକାଂଶ ଗ୍ରାମ ସମୁଦ୍ରର ମହାପ୍ଲାବନରେ ଲୀନ ହୋଇଯାଇଥିବାବେଳେ ବାକି ଥିବା ଗାଁଗୁଡ଼ିକ କେଉଁ ମୁହୂର୍ତ୍ତରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା। ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି ଓ ଅକାଳରେ ଫସଲ ହାନୀ ହେଉଛି। ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ଲକ୍ଷ ଲକ୍ଷ ଲୋକେ ବନ୍ୟା ପୀଡ଼ିତ ହୋଇଥାନ୍ତି ଓ ବେଳେ ବେଳେ ସର୍ବସ୍ୱାନ୍ତ ବି ହୁଅନ୍ତି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଛି। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି କେନାଲ୍ ପାଣି ଯୋଗାଇ ଦିଆ ନଯାଇ ମଧ୍ୟ ପ୍ରଜାଙ୍କ ଠାରୁ ଜଳକର ଆଦାୟ କରାଯାଉଥିବା ଅଭିଯୋଗ ହୋଇଥାଏ। ବେଣାକନ୍ଦା ଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠା ଜଳ ଯୋଗାଇ ବର୍ଷ ତମାମ ଚାଷ କାର୍ଯ୍ୟକୁ ସହଜ କରା ଯାଇପାରନ୍ତା।

ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ହେନ୍ତାଳ ଜଙ୍ଗଲ, ଡ଼ାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ବତୀଘର, ବ୍ରିଟିସ୍ ବାଣିଜ୍ୟର କୋଠାଘର ହୁକିଟୋଲା ଓ ବରୁଣେଇ ଜଙ୍ଗଲ ଆଦିର ବିକାଶ ସ୍ୱପ୍ନ ହୋଇ ରହିଛି। ଏସବୁକୁ ଏଯାଏ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳି ପାରିନାହିଁ। କ୍ରମେ ଏହି ଜିଲ୍ଲା ଅବହେଳାର ଚରମ ସୀମାକୁ ଟପିଗଲାଣି। ଏଠାରେ ବହୁ ସୁଯୋଗ ରହିଥିଲେ ହେଁ ତାହାର ଉପଯୁକ୍ତ ଉପଯୋଗ ହୋଇ ପାରୁନାହିଁ। ପ୍ରଚୁର ମନୋରମ ପ୍ରାକୃତିକ ସଂପଦ, ମତ୍ସ୍ୟ ସଂପଦ, ବନ୍ୟପ୍ରାଣୀ ସଂପଦ, ପର୍ଯ୍ୟଟନ ସଂପଦ ଓ ବନ୍ଦର ସୁଯୋଗ



ଭଳି ଅନେକ ଦୁର୍ଲଭ ସଂପଦ ଭରପୂର ହୋଇ ରହିଛି ଏହି ଜିଲ୍ଲାରେ। ସଂପ୍ରତି ଜିଲ୍ଲାରେ ଥିବା ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗକୁ ଉପଯୋଗର ଆବଶ୍ୟକତା ରହିଛି। ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ଏସବୁର ଉପଯୁକ୍ତ ଉପଯୋଗ ହେଲେ, ଜିଲ୍ଲାର ଆର୍ଥିକ ବିକାଶ ହେବା ସହ ଓଡ଼ିଶା ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ପାଇ ପାରନ୍ତେ।

ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଚାବିକାଠି କେଉଁଠି ରହିଛି, ସେ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ବିଶେଷ କରି କେନ୍ଦ୍ରାପଡ଼ାର ଭାଗ୍ୟ ଓ ଭବିଷ୍ୟତ ସାଂସଦ ଓ ବିଧାୟକ ମାନଙ୍କ ଇଚ୍ଛା ଶକ୍ତି ଉପରେ ନିର୍ଭର କରୁଛି। ଦୁର୍ଭାଗ୍ୟ ବଶତଃ କିଛିବର୍ଷ ତଳୁ କେନ୍ଦ୍ରାପଡ଼ା ଜିଲ୍ଲା ମନ୍ତ୍ରୀଶୂନ୍ୟ ହୋଇ ରହିଥିଲା। ମାତ୍ର ଏଇ ନିକଟରେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ବେଳେ କେନ୍ଦ୍ରାପଡ଼ା ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କୁ ପାଇଛି। ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଶକ୍ତି, ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମିଳିଥିବାବେଳେ ମନ୍ତ୍ରୀ ଅତନୁ ଶବ୍ୟଶାଚୀ ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲାଣ, ସମବାୟ ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ଅତନୁ ଶବ୍ୟଶାଚୀ ଏବଂ ପ୍ରତାପ ଦେବ ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ତେବେ ଏହି ଦୁଇ ପ୍ରବୀଣ ମନ୍ତ୍ରୀ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିବେ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି।

# ଖୋରଧାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣୀଙ୍କର ଜୟନ୍ତୀ ପାଳନ

ଖୋର୍ଦ୍ଧା (ପିଏନ୍): ଗୋକୁଳମୋହନ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ଗୋକୁଳ ମୋହନ ରାୟ ଚୁଡ଼ାମଣୀଙ୍କର ୧୧୨ତମ ଜୟନ୍ତୀ ସ୍ଥାନୀୟ ବିଡ଼ିଏ କଲୋନୀ ଛକଠାରେ ପାଳିତ ହୋଇଯାଇଛି । ପ୍ରଥମେ ମୁଖ୍ୟ ଅତିଥି ଖୋର୍ଦ୍ଧାର ବିଧାୟକ ଶ୍ରୀଯୁକ୍ତ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କହିଥିଲେ, ଗୋକୁଳ ମୋହନଙ୍କ ଜୀବନବ୍ୟାପୀ ସାଧନା ସେତେବେଳର ଯୁବପିଢ଼ୀଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ତାଙ୍କର ଜନ୍ମଭୂମି ନିମାପଡ଼ାର ଉଦୋର ଗ୍ରାମ ହୋଇଥିଲା ବେଳେ କର୍ମଭୂମି ଥିଲା ଖୋର୍ଦ୍ଧା । ଏକ ଜମିଦାର ବଂଶରେ ୧୯୧୧ ମସିହାରେ ଜନ୍ମଗ୍ରହଣ କରି ଡ଼ାକ୍ତରୀପଢ଼ାର ମୋହମାୟା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଖୋର୍ଦ୍ଧାଠାରେ ସ୍ୱାଧୀନତା ଉତ୍ସବ ପାଳନରେ ସେ ସଭାପତିତ୍ୱ କରିଥିଲେ ।

ସେ ୧୯୩୯ ମସିହାରେ ଗଡ଼ଜାତ ଆନ୍ଦୋଳନ କରି ୨ବର୍ଷ ପାଇଁ ବନ୍ଦୀ ହୋଇଥିଲେ । ୧୯୪୧ରେ ବ୍ୟକ୍ତିଗତ ଆନ୍ଦୋଳନ କରି ୬ ମାସ ଜେଲଦଣ୍ଡ ଭୋଗିଥିଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନାରେ ଯୋଗ ଦେଇଥିଲେ । ୧୯୪୩ ମସିହାରେ ଦୁର୍ଭିକ୍ଷ ବେଳେ ଦୁଃଖୀରଙ୍କୀମାନଙ୍କୁ ରିଲିଫ୍ ଯୋଗାଉଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଖୋର୍ଦ୍ଧାର ବିଭିନ୍ନ ଜଙ୍ଗଲମାନଙ୍କରେ ଲୁଚି ରହୁଥିଲେ । ତାଙ୍କୁ ଧରାଇଦେଲେ ୨୫୦୦ ଟଙ୍କା ଦିଆଯିବ ବୋଲି ଇଂରେଜ ସରକାର ଘୋଷଣା କରିଥିଲେ । ସର୍ବୋପରି ସେ ଲବଣ ସତ୍ୟାଗ୍ରହ, କୃଷକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, ଆଇନଅମାନ୍ୟ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ।

ଏହି ଉତ୍ସବକୁ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ଆଇନ୍‌ଜୀବୀ ନରେନ୍ଦ୍ର ପୃଷ୍ଟି ପରିଚାଳନା କରୁଥିବା ବେଳେ ଅନ୍ୟମାନଙ୍କ ମଧରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହନ୍ତି, ପୌର ଉପାଧକ୍ଷ ସୌର୍ଯ୍ୟପ୍ରସାଦ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିୟାରସିଂ, ଆମରି ସତ୍ୟର ସମ୍ପାଦକ ପ୍ରମୋଦ ଦାସ, ଉତ୍କଳ ସମ୍ମିଳନୀର ସମ୍ପାଦକ ବିଚିତ୍ର ବଡ଼ଜେନା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରାମଶଙ୍କର, ରୋଟାରୀ କ୍ଲବର ସଭାପତି ମିହିର ନାୟକ, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ମଜୁମଦାର୍, ବରିଷ୍ଠ ନାଗରିକ ମହାସଂଘର ସଭାପତି ବିମଳ ଷଡ଼ଙ୍ଗୀ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, କମ୍ୟୁନିଷ୍ଟ ନେତା ଅନନ୍ତ ମଙ୍ଗରାଜ, ଆଇନ୍‌ଜୀବୀ ନୃସିଂହ ମିଶ୍ର, ବିକ୍ରମ ଚମ୍ପତି, ଡ଼. ବୃନ୍ଦାବନ ପଣ୍ଡା, ଶିକ୍ଷକ ନେତା ଯୁଧିଷ୍ଠିର ସାହୁ, ଜବାହର ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ତ୍ରିନାଥ ଚରଣ ସ୍ମୃତି ପରିଷଦ ସମ୍ପାଦିକା ଇତିଶ୍ରୀ ସାହୁ, 'ବିଷୟ'ର ସମ୍ପାଦକ ବାଳାଜୀ ପାତ୍ର, ଓଡ଼ିଶା ସାମ୍ବାଦିକ ସଂଘର ସମ୍ପାଦକ ପ୍ରସନ୍ନ ପାଇକରାୟ, ଏସ୍.ଡ଼ି.ଏ ସ୍କୁଲ ପ୍ରିନ୍‌ସିପାଲ୍ ବି.ଇସ୍ରାଏଲ୍, ଶିକ୍ଷକ ପ୍ରଭାତ ରଥ, ସ୍ୱର୍ଗତଃ ଗୋକୁଳମୋହନଙ୍କ କନ୍ୟା ମନ୍ଦିରାରାୟ ଚୁଡ଼ାମଣି, ସମାଜସେବୀ କୃଷ୍ଣ ହରିଚନ୍ଦନ, ପ୍ରକାଶ ପରିଡ଼ା, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ର ବେଉରା, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ପ୍ରମୁଖ ଉପସ୍ଥିତ ରହି ଗୋକୁଳ ମୋହନଙ୍କର ସ୍ମୃତିଚାରଣ କରିଥିଲେ ।

# ଚଣ୍ଡିଖୋଲ ଛକ ଏକ ମରଣଯନ୍ତା ପାଲଟିଛି: ପ୍ରଶାସନ ନୀରବ



ଚଣ୍ଡିଖୋଲ (ପି.ଏନ)-ଯାଜପୁର ଜିଲାର ଚଣ୍ଡିଖୋଲ ଛକ ହେଉଛି ୩ଟି ଜାତୀୟ ରାଜପଥର କେନ୍ଦ୍ରସ୍ଥଳ। ଏଠାରେ ୧୬ ନମ୍ବର, ୫୩ ନମ୍ବର ଓ ପାରାଦ୍ୱୀପ ବନ୍ଦର ପର୍ଯ୍ୟନ୍ତ ଯାଇଥିବା ରାସ୍ତା କେନ୍ଦ୍ରସ୍ଥଳ। ଜିଲାର ଟ୍ରାଫିକ୍ ଥାନା ଥିଲେ ମଧ ଏଠାରେ ବାରମ୍ବାର ଦୂର୍ଘଟଣା ଘଟୁଛି। ୧୬ ନମ୍ବର ଜାତୀୟ ରାଜପଥର ୨ଟି ରାସ୍ତାକୁ ବନ୍ଦ କରି ୫୩ ନମ୍ବର ଜାତୀୟ ରାଜପଥ ପାଇଁ ୨ଟି ବ୍ରିଜ୍ କାର୍ଯ୍ୟକରାଯାଇ ଅଛି। ଏଠାରେ ବ୍ରିଜ୍ କାମ ଠିକ୍ ସମୟରେ ସରୁନଥିବାରୁ ରାସ୍ତାରେ ଯାତାୟତ କରୁଥିବା ବସ୍, ଟ୍ରକ୍, ୪ ଚକିଆ ଯାନ ଓ ୨ ଚକିଆ ବାଇକ୍ ଆରୋହୀମାନେ ବଡ଼ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଜାତୀୟ ରାଜପଥ ଉପରେ ୭ଟି ଲେଖାଏଁ ଲାଗି ହମ୍ପସ୍ ତିଆରି କରାଯାଇଥିବାରୁ ବାଇକ୍ ଆରୋହୀମାନେ ଦୂର୍ଘଟଣା ପଡୁଛନ୍ତି। ୫୩ ନମ୍ବର ଜାତୀୟ ରାଜପଥର କାର୍ଯ୍ୟରତ ଠିକାଦାରର ମନମୁଖି କାର୍ଯ୍ୟରାସ୍ତା କାର୍ଯ୍ୟସଂପୂର୍ଣ୍ଣ ହୋଇ ପାରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ୧୬ ନମ୍ବର ଜାତୀୟ ରାଜପଥ ଉପରେ ପରିବା ମାର୍କେଟ୍ ଓ ରାସ୍ତାର ଉଚ୍ଚ ସ୍ଥାନରେ ବିଭିନ୍ନ ବ୍ୟବସାୟୀମାନେ ଦୋକାନ ଖୋଲୁଥିବାରୁ ଯାତ୍ରୀମାନେ ଯାତାୟାତ କରିବା କଷ୍ଟକର ହେଉଅଛି। ଏହି ରାସ୍ତାଦେଇ ମନ୍ତ୍ରୀ, ବିଧାୟକ, ଯାଜପୁର ଜିଲାପାଳ, ଆରକ୍ଷୀ ଅଧିକ୍ଷକ ଯାଉଥିଲେ ମଧ ସେମାନଙ୍କର ଦୃଷ୍ଟି ପଡୁନାହିଁ ବୋଲି ଦେଖିବାକୁ ମିଳୁଛି। ଏଠାରେ ଟ୍ରାଫିକ୍ ପଂଏଟ୍ ଥିଲେ ମଧ ଟ୍ରାଫିକ୍ ନିୟମକୁ କେହି ମାନୁନାହାଁନ୍ତି ଯଦ୍ୱାରା ଦୁର୍ଘଟଣା ବଢ଼ିବାରେ ଲାଗିଛି। ରାତ୍ର ସମୟରେ ଟ୍ରାଫିକକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଲାଇଟ୍ କୋଷ୍ଟ ଲଗାଯାଇଛି ସେ ଲାଇଟ୍ ନଜଳି ଅନ୍ଧାର ମଧରେ ଗତି କରୁଛି। ୪ ଚକିଆ ଯାନ ଅଟୋ ରିକ୍ସା ରହିବା ପାଇଁ ଗୋଟିଏ ସ୍ଥାନ ନିରୁପଣ କରାଯାଇନାହିଁ। ସେମାନେ ମନଇଚ୍ଛା ତାଙ୍କ ଗାଡ଼ିକୁ ନିଜ ଇଚ୍ଛା ଅନୁସାରେ ରଖୁଛନ୍ତି। ଜାତୀୟ ରାଜପଥ କଡ଼ରେ ଯେଉଁମାନଙ୍କର କୋଠାଘର ରହିଛି ସେମାନେ ଜାତୀୟ ରାଜପଥ ଜମିକୁ ବେଆଇନ୍ ଭାବେ ଦଖଲ କରି ଘର ତିଆରି, କେବିନ୍ ପକାଇ ଭଡ଼ା ଲଗାଉଛନ୍ତି ଯଦ୍ୱାରା କୌଣସି ସ୍ଥାନରେ ଫାଙ୍କା ନଥିବାର ଦେଖାଯାଉଛି। ଚଣ୍ଡିଖୋଲ ଛକର ସୌନ୍ଦର୍ଯ୍ୟ ଓ ସୁରକ୍ଷା ଜାତୀୟ ରାଜପଥର ରାସ୍ତାକାର୍ଯ୍ୟ, ବ୍ରିଜକୁ ତୁରନ୍ତ ନିର୍ମାଣ ପାଇଁ ଓ ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜାତୀୟ ରାଜପଥର ମୁଖ୍ୟ ଅଧିକାରୀ, ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ଦୃଢ଼ଦାବୀ କରିଛନ୍ତି।

## ଶୀତଳ ଭଣ୍ଡାର ପ୍ରତିଷ୍ଠା ଓ ପାସେଞ୍ଜର ଟ୍ରେନ ଚାଲୁ କରିବା ପାଇଁ ସିପିଆଇର ଦାବି




କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୯ମ ଜିଲ୍ଲା ସମ୍ମିଳନୀ ଦୁଇଦିନ ଧରି କେନ୍ଦ୍ରାପଡା ସହରର ଶ୍ରୀ ବଳଦେବଜୀଉ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ବର୍ଷୀୟାନ କମ୍ୟୁନିଷ୍ଟ ନେତା ଶିବାଜୀ ପଟ୍ଟନାୟକ, ପ୍ରହଲ୍ଲାଦ ସେଠୀ, ନିରଞ୍ଜନ ଷଡଙ୍ଗୀ ପ୍ରମୁଖ ସାଥିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବା, କେନ୍ଦ୍ରାପଡାକୁ ଯାତ୍ରୀବାହୀ ରେଳ ଚଳାଚଳ କରିବା ଓ ଏଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ବୈଠକରେ ଦାବି କରାଯାଇଛି । ସି.ପି.ଆଇ. ଜିଲ୍ଲା ସଂପାଦକ ରମଣୀରଞ୍ଜନ ରାଉତରାୟ ବିଗତ ଦିନର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ ସହ ପ୍ରତି ୩ ବର୍ଷରେ ଥରେ ଜିଲ୍ଲା, ରାଜ୍ୟ ଓ ଦେଶରେ ସମ୍ମିଳନୀ ହୋଇ ସାଙ୍ଗଠନିକ ଏବଂ ରାଜନୈତିକ କାର୍ଯ୍ୟକ୍ରମର ନିର୍ଦ୍ଧାରଣ ସହିତ ବର୍ତ୍ତମାନ ଯେଭଳି ଦରଦାମ ବୃଦ୍ଧି, ବିଜୁଳି କାଟ ଚାଲିଛି ଓ ବିଜୁଳି ଦରବୃଦ୍ଧି ଏବଂ ଚାଷୀକୁ ଫସଲର ଉଚିତ ଦର ମିଳୁନାହିଁ, ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ, ସମ୍ବିଧାନର ସୁରକ୍ଷା, ଦେଶରେ ଭାଇଚାରା ରକ୍ଷା ଉପରେ ବିଜେପି ଓ ବିଜେଡି ସରକାର ସଂପୂର୍ଣ୍ଣ ବିଫଳ ହୋଇଥିବା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ବର୍ଷ ସମ୍ମିଳନୀରେ ୧୫୦ ପ୍ରତିନିଧି ଯୋଗଦେବା ସହିତ ନୂଆବସଷ୍ଟାଣ୍ଡଠାରୁ ସକାଳ ୮ଟା ୩୦ ମିନିଟରେ ଏକ ଶୋଭାଯାତ୍ରାରେ ଏକ ହଜାରରୁ ଉର୍ଦ୍ଧ୍ୱ ସାଥି ଯୋଗଦେଇଥିଲେ। ଏଥିରେ ରାଜ୍ୟ ସଂପାଦକ ସାଥି ଆଶିଷ କାନୁନଗୋ ଓ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଜୟନ୍ତ ଦାସ ଯୋଗଦେବା ସହିତ ଏଠାରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସହସମ୍ପାଦକ ଆଦିକନ୍ଦ ରାଉଳ, ସୀତାକାନ୍ତ ନାୟକ, ସୋହାନା ବେଗମ, ନିରଞ୍ଜନ ଦାଶ, ମଙ୍ଗୁଳି ଚରଣ ଦାଶ, ବିକାଶ ଚନ୍ଦ୍ର ବେଉରା, ଡାକ୍ତର ବାଘୁରାଇ, ପ୍ରଦୀପ ବେହେରା, ସଂଯୁକ୍ତା ରାଉତ, ଦାମୋଦର ମଳିକ, ହୃଷିକେଶ ମହାପାତ୍ର, ପ୍ରମୋଦ ସାହୁ, ଅମୀୟ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରଂଜନ କୁମାର ସୁତାର, ସବ୍‌ଜଜ୍ ମହେଶ୍ୱତା ପରିଜା, ଏସିଡିଜେଏମ୍ ରଶ୍ମିରେଖାପାତ୍ର ଓ ଜେଏଫ୍ଏଫ୍‌ସି ପ୍ରବୀଣ ହୋତଙ୍କ ଦ୍ୱାରା ଆପୋଷ ସମାଧାନ ମାଧ୍ୟମରେ ବିଭିନ୍ନ ମକଦ୍ଦମାର ଫଇସଲା ହୋଇଥିଲା । ସେହିପରି ଘଷିପୁରା ଗ୍ରାମ ନ୍ୟାୟାଳୟ ଠାରେ ନ୍ୟାୟାଧିକାରୀ ମାନସି ପ୍ରଧାନ ଓ ହାଟଡିହି ଦେୱାନୀ ଆଦାଲତରେ ଜେଏମ୍ଏଫ୍‌ସି ପ୍ରତିମା ସାହୁ ଆପୋଷ ସମାଧାନ ମାଧ୍ୟମରେ ମୋଟ୍ ୧୧୩ଟି ମକଦ୍ଦମାରୁ ୩୧ଟି ମକଦ୍ଦମାର ଫଇସଲା କରି ମୋଟ ୧୪୯୦୦୦ଟଙ୍କା ପରିଶୋଧ କରିଥିଲେ । ୬୬୧ଟି ବ୍ୟାଙ୍କ ଋଣ ଆଦାୟ ପ୍ରକ୍ ମକଦ୍ଦମାରୁ ୧୮ଟି ସମାଧାନକରାଯାଇ ସର୍ବମୋଟ୍ ୨୧୬୯୦୦ଟଙ୍କା ପରିଶୋଧ କରାଯାଇଥିଲା । ଆନନ୍ଦପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟ ପରିଚାଳନା କରାଯାଇଥିବା ବେଳେ ଆଇନ୍ ସେବା କମିଟି ସଦସ୍ୟ ଆଇନଜୀବୀ ବାଇଧର ସେଠୀ, ଓକିଲ ସଂଘ ସଭାପତି ଆଇନଜୀବୀ ଦୟାନିଧି ଦାଶ, ଉପସଭାପତି ରମେଶ ଚନ୍ଦ୍ର ବାରିକ ତାଲୁକ ଆଇନ୍ ସେବା ସମିତିର ଲିଗାଲ ରିଟେରନ ଶଙ୍କର ସାହୁ, ରିଟେନର ଆଡ୍‌ଭୋକେଟ୍ ଭାଗିରଥି ଦାଶ ମହାପାତ୍ର, ହେମରନ ବେହେରା, ସାଇତପନ ସାହୁ, ଭୁବନେଶ୍ୱର ଯେନା, ଶ୍ରୀନାଥ ଘଡେଇ, ସୁଜିତ କୁମାର ମିଶ୍ର, ତାଲୁକ ଆଇନ୍ ସେବା କର୍ମଚାରୀ ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛିନତାଇ ଅଭିଯୋଗରେ ଜଣେ ଗିରଫ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ଗଡମାଣିତୀର ଗ୍ରାମସ୍ଥିତ ମା ରାମଚଣ୍ଡୀଙ୍କୁ ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥ ପୁର ଗ୍ରାମର ପ୍ରସନ କୁମାର ବରାଡ ନିଜ ପତ୍ନୀଙ୍କ ସହ ଦର୍ଶନ କରିବାକୁ ଆସିଥିଲେ । ସେ ଦର୍ଶନ ସାରି ଫେରୁଥିବା ସମୟରେ ମନ୍ଦିରର ମୁଖ୍ୟ ଫାଟକ ନିକଟରେ ଏକ ପଲସର ବାଇକ ଯୋଗେ ଆସି ଆକାଶ ଦାସ ନିଜ ସାଙ୍ଗ ସହ ଅତର୍କିତ ଭାବରେ ଶ୍ରୀ ବରାଡଙ୍କ ପତ୍ନୀଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ପଳାଇଯାଉଥିଲେ। ଏହି ସମୟରେ ଉଭୟଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଦୁବୃର୍ତ୍ତଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ। ଏଥିରୁ ଜଣେ ଚତୁରତାର ସହ ଖସି ପଳାଇଥିବା ବେଳେ ପୋଲିସ ଆକାଶକୁ ଗିରଫ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କଠାରୁ ପ୍ରକାଶ ।

## ପାରାଦୀପରେ ଟ୍ରାଫିକ୍ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନକୁ ଦାବୀପତ୍ର ପ୍ରଦାନ



ପାରାଦୀପ (ପିଏନ୍)-ପାରାଦୀପ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ପାରାଦୀପର ଅଠରବାଙ୍କୀଠାରୁ ନେହେରୁ ବଙ୍ଗଳା, ଅଠରବାଙ୍କୀଠାରୁ ଦୋଛକି, ଟର୍ମିନାଲ ଛକରୁ ରଙ୍ଗିଆଗଡ, ଦୋଛକିରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତା ଏବେ ଭାରିଯାନ ଦଖଲରେ । ରାସ୍ତାକଡରେ ମାଲମାଲ ଟ୍ରକ୍ ସମେତ ଅନ୍ୟ ଭାରିଯାନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ସାଧାରଣ ଲୋକ ଏହି ରାସ୍ତାରେ ଯିବାଆସିବା କରିବା ବେଳକୁ ଭଗବାନଙ୍କୁ ଡାକି ଯାଆଆସ କରୁଛନ୍ତି । ବିଗତ ୫ ବର୍ଷର ରିପୋର୍ଟରୁ ଜଣାପଡେ ଯେ, ସଡକ ଦୂର୍ଘଟଣାରେ ପ୍ରାୟ ୬୨ ଜଣଙ୍କର ମୃତ୍ୟୁ ଘଟିଲାଣି । କେତେ ଯେ ଦୂର୍ଘଟଣାରେ ଅର୍କମଣ୍ୟ ହେଲେଣି ତାର ହିସାବ ନାହିଁ । ପାରାଦୀପର ବିଭିନ୍ନ ଗଣଅନୁଷ୍ଠାନ ପକ୍ଷରୁ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ଏବଂ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରାଯାଇଛି । ହେଲେ ଆଜି ଯାଏ ଏହି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । ଏହି ସମସ୍ୟାକୁ ପ୍ରତିଦିନ ଗଣମାଧ୍ୟମରେ ସ୍ଥାନିତ କରୁଥିବା ପାରାଦୀପର ଗଣମାଧ୍ୟମର ପ୍ରତିନିଧି ତଥା କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁତ୍ୱର ସହ ନେଇଛନ୍ତି । ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ଦାବୀପତ୍ର ଜଗତସିଂହପୁରର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହିକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ଆଗାମୀ କିଛିଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ଯଦି ଏ ଦିଗରେ କୌଣସି ପଦକ୍ଷେପ ନ ନିଏ ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବାଧ ହୋଇ ଜାତୀୟ ରାଜପଥ ଅବରୋଧ କରିବାକୁ ଏହି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ କରିବା ସମୟରେ ଉପସ୍ଥିତ ରହିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କୁ କୁହାଯାଇଥିଲା । ହେଲେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ନିର୍ଦ୍ଧାରିତ ସମୟରେ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରିବାକୁ ଯିବା ବେଳେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ । ପାରାଦୀପ ଏକ ଆନ୍ତର୍ଜାତୀୟ ବନ୍ଦର ହୋଇଥିବା ବେଳେ ଏହାର ଉନ୍ନତି ପାଇଁ କାର୍ଯ୍ୟରତ ସାମ୍ବାଦିକଙ୍କ ଦାବୀପତ୍ର ଗ୍ରହଣ କରିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତି ପ୍ରଶାସନିକ ଉଦାସୀନତାର ଏକ ନଗ୍ନ ନମୁନା ବୋଲି ଚର୍ଚ୍ଚା ହେଉଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଜୁନ ୨୬**

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତାର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ରଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ।

ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧା : ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ମୁଖ୍ୟ ଶାରୀରିକ ସମସ୍ୟା : ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ମୁଖ୍ୟ ମାନସିକ ସମସ୍ୟା : ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା। ଭାରତରେ ନିଶା ଦ୍ରବ୍ୟର ବ୍ୟବହାର : ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏଠି ସୂଚନାଯୋଗ୍ୟ ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# କୁହେଳିକାରେ ନିଟ୍ ଫଳାଫଳ

ଏନଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ମେଡ଼ିକାଲ ଓ ଫେଲୋସିପ ପରୀକ୍ଷାରେ ବୈଷୟିକ ତ୍ରୁଟି, ପ୍ରଶ୍ନପତ୍ର ପ୍ରଘଟ ଓ ପ୍ରକ୍ସି ପରୀକ୍ଷାର୍ଥୀ ହାଉଜାଉ ହେବା ସହିତ ଜାଣି ଶୁଣି କେତେ ଜଣଙ୍କୁ ଗ୍ରେସ ମାର୍କ ଦିଆଯିବା ବିଷୟ ପଦାକୁ ଆସିବା ପରେ ଖୋଳତାଡ଼ ଆରମ୍ଭ ହେବା ସହ ଏହା ହଇଚଇ ସୃଷ୍ଟି କରିଛି। ଚଳିତ ୨୦୨୪ରେ ପ୍ରାୟ ୨୪ ଲକ୍ଷ ୬ ହଜାର ୭୯ ପରୀକ୍ଷାର୍ଥୀଙ୍କ ଭିତରୁ ୨୩ ଲକ୍ଷ ୩୩ ହଜାର ୨୯୭ ପରୀକ୍ଷାର୍ଥୀ ୧ ଲକ୍ଷ ୬ ହଜାର ୩୩୩ (ଏମବିବିଏସ) ଓ ୨୬ ହଜାର ୯୪୯ (ବିଡ଼ିଏସ) ସହିତ ଅନ୍ୟାନ୍ୟ ସିଟ ପାଇଁ ପରୀକ୍ଷା ଦେଇଥିବାବେଳେ ଏଥରର ପରୀକ୍ଷାଫଳ ପିଲାମାନଙ୍କ ସହିତ ଅଭିଭାବକ ମାନଙ୍କୁ ମଧ୍ୟ ଚକିତ କରିଦେଇଛି।

ସୂଚନାଯୋଗ୍ୟ ଗତ ମେ ୫ରେ ୨୪ ଲକ୍ଷ ଛାତ୍ରଛାତ୍ରୀ ଦେଶରେ ୪୭୫୦ ସେଣ୍ଟରରେ ଏନଇଇଟି - ୟୁଜି ପରୀକ୍ଷା ଦେଇଥିଲେ। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯାଇ ର୍ୟାଙ୍କ ୱାନରେ ସ୍ଥାନିତ କରାଯାଇଥିଲା। ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ଅଧିକ ଗ୍ରେସମାର୍କ ଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସମେତ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ଦୁର୍ନୀତି ଓ କୁପରିଚାଳନା ସାମ୍ନାକୁ ଆସିବା ପରେ ସାନି ପରୀକ୍ଷା ଦାବିରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରୀକ୍ଷା ଅନିୟମିତାକୁ ବିରୋଧ କରି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ସେହିପରି ବିଶ୍ୱବିଦ୍ୟାଳୟ ଓ କଲେଜ ଗୁଡ଼ିକରେ ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଜୁନିୟର ରିସର୍ଚ୍ଚ ଫେଲୋଶିପ ଓ ଆସିଷ୍ଟାଣ୍ଟ ପ୍ରଫେସର ପଦରେ ନିଯୁକ୍ତି ପାଇଁ ୟୁଜିସି-ନେଟ ପରୀକ୍ଷା ଜୁନ ୧୮ରେ ଅନୁଷ୍ଠିତ ହୋଇଥିଲା। ୧୧.୨୧ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଦୁର୍ନୀତି ଉପାୟ ଅବଲମ୍ବନ କରାଯାଇଥିବା ଜଣାପଡ଼ିବା ପରେ ୧୯ ତାରିଖରେ ପରୀକ୍ଷାକୁ ଏନଟିଏ ରଦ୍ଦ କରିଦେଇଥିଲା। ସେହିପରି ଜୁଲାଇ ୨୫ ରୁ ୨୭ ମଧ୍ୟରେ ହେବାକୁ ଥିବା ସାଇଣ୍ଟିଫିକ ଆଣ୍ଡ ରିସର୍ଚ୍ଚ ୟୁଜିସିନେଟ ପରୀକ୍ଷାକୁ ଶୁକ୍ରବାର ରାତିରେ ସ୍ଥଗିତ ରଖାଯାଇଛି।

ପରୀକ୍ଷା ସ୍ଥଗିତ ଖବର ପାଇବା ପରେ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଛନ୍ତି। କାରଣ ବର୍ତ୍ତମାନ ଏନଟିଏ ପରୀକ୍ଷା ପରିଚାଳନାରେ ଅନିୟମିତତା ଯୋଗୁଁ ଦୁଇ ଦୁଇଟି ପ୍ରବେଶିକା ପରୀକ୍ଷାକୁ ନେଇ ବିବାଦ ଦେଖାଯାଇଛି। ଗତ ମେ ୫ରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନଇଇଟି ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୁନ ୪ ସାଧାରଣ ନିର୍ବାଚନ ଭୋଟ ଗଣତି ଦିନ ଏନଇଇଟି ୟୁଜି ରେଜଲ୍ଟ ପ୍ରକାଶ ପାଇଥିଲା। ଏହି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ ଆଣି ଛାତ୍ରଛାତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୧୮ରେ ଅନୁଷ୍ଠିତ ୟୁଜିସି ନେଟ ପରୀକ୍ଷାରେ ଅନିୟମିତତା ହୋଇଥିବା ଜାଣି ଦିନକ ପରେ ଶିକ୍ଷା ମନ୍ତ୍ରଣାଳୟ ଏହାକୁ ରଦ୍ଦ କରିଛି। ଏବେ ପୁଣି ଏକ ସର୍ବଭାରତୀୟ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ପିଲାଙ୍କୁ ଏନଟିଏର ଏହି ନିଷ୍ପତ୍ତି ଚିନ୍ତାରେ ପକାଇଦେଇଛି।

ପ୍ରକାଶ ଥାଉକି ମୋଟ ୨୦୦ ପ୍ରଶ୍ନ ଭିତରୁ ୧୮୦ଟି ପ୍ରଶ୍ନର ଉତ୍ତର ପାଇଁ ପୂର୍ଣ୍ଣସଂଖ୍ୟା ହେଉଛି ୭୨୦ ତେଣୁ ପ୍ରତି ପ୍ରଶ୍ନ ପିଛା ଚାରି ମାର୍କ। ଆଶ୍ଚର୍ଯ୍ୟର ବିଷୟ ଯେ, ଏଥର ୬୭ ଜଣ ପିଲା ୭୨୦/୭୨୦ ରଖି ରେକର୍ଡ଼ ସୃଷ୍ଟି କରିଛନ୍ତି। କେବଳ ଏତିକି ନୁହେଁ, ଏକାଧିକ ପ୍ରଶ୍ନ ଘେରରେ ଜନସାଧାରଣ ଓ ଅଭିଭାବକମାନେ। ଅଙ୍କ



*ନାରାୟଣ ଚନ୍ଦ୍ର ବିଶ୍ୱାଳ*

ବହୁତେ ଆମେ ଜାଣିଛେ ନିଟ୍ ଆଶାୟୀମାନେ ତିନି ଚାରି ଥର ଲେକାଏ ପରୀକ୍ଷା ଦେବାର ଧୈର୍ଯ୍ୟ ବହନ କରନ୍ତି। ୬୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ବି ସରକାରୀ କଲେଜରେ ସିଟ ପାଇବା ସହଜ ହେଉନାହିଁ। ସୂଚନାନୁସାରେ, ଏଥର ବହୁ ସଂଖ୍ୟକ ପିଲା ସମାନ ମାର୍କ ରଖିଥିବାରୁ ସରକାରୀ କଲେଜରେ କଟଅପ ମାର୍କ ସାଧାରଣ ବର୍ଗର ପରୀକ୍ଷାର୍ଥୀ ପାଇଁ ପାଖାପାଖି ୬୫୦ ହେବ ବୋଲି ଆକଳନ କରାଯାଉଛି। ଅର୍ଥାତ୍ ୬୪୦-୬୪୯ ରଖିଥିବା ସାଧାରଣ ବର୍ଗର ପିଲାମାନେ ଡାକ୍ତରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇପାରନ୍ତି। ପୁଣି ଏକ ସନ୍ଦେହ ସୃଷ୍ଟି କରୁଛି ୭୧୯, ୭୧୮ ମାର୍କ ଯାହା ନିମୟତଃ ଅସମ୍ଭବ। କାରଣ ଗୋଟ ଉତ୍ତର ଭୁଲ ହେଲେ ୫ ମାର୍କ କଟିଯାଇଥାଏ। କିନ୍ତୁ କିଛି ପିଲା ଏହି ମାର୍କ ରଖିଛନ୍ତି। ବିଳମ୍ବିତା ଯଦି ଗ୍ରେସ ଦେବାର ଏକ କାରଣ ହୁଏ, ତେବେ ୨୦୨୦ ଓ ୨୦୨୧ରେ କୋଭିଡ଼ଜନିତ ବିଳମ୍ବତା ପାଇଁ କାହିଁକି ଗ୍ରେସ ଦିଆଗଲା ନାହିଁ? ପୁଣି ଏକ ସନ୍ଦେହ ଗୋଟେ ପ୍ରଶ୍ନକୁ ନେଇ, ଯାହାର ଉତ୍ତର ପୁରୁଣା ଏନସିଇଆରଟି ବହୁ ଅନୁଯାୟୀ ଯାହା ନୂତନ ପାଠ୍ୟ ପ୍ରଣାଳୀ ଅନଯାୟୀ ଭିନ୍ନ ଥିବାରୁ ଦୁଇଟା ଯାକ ଉତ୍ତର ଠିକ, ତେଣୁ ଦୁଇ ପ୍ରକାରର ଚୟନ ପାଇଁ ସମାନ ୪ ମାର୍କ ଦିଆଯିବା କଥା। କିନ୍ତୁ ମାତ୍ର ୪୦ଜଣଙ୍କୁ ଗ୍ରେସ ମାର୍କ କେଉଁ ଆଧାରରେ ସ୍ପଷ୍ଟ କରାଯିବା ଉଚିତ।

ସେମାନେ ୩-୪ ବର୍ଷ ନିଜ କ୍ୟାରିୟରରୁ ଦେବା ପରେ ବିଫଳତା ସାମ୍ନା କରୁଥିବା ମେଧାବୀମାନେ କରିବେ କ'ଣ? ପୁଣି ସାମାଜିକ ଗଣମାଧ୍ୟମର ଏକ ସୂଚନା ଅନୁଯାୟୀ, ହିରୟାଣାସ୍ଥିତ ଫରିଦାବାଦର ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ୮ଜଣ ପରୀକ୍ଷାର୍ଥୀ ୭୨୦ ମାର୍କ ରଖିଛନ୍ତି। ଏଭଳି ସଂଯୋଗ ଭ୍ରୁକୁଞ୍ଚନ ସୃଷ୍ଟି କରୁନାହିଁକି? ପିଲାଙ୍କ ମେଧା ବୃଦ୍ଧି ପାଉଛି ନା ଆଉ କିଛି କାରଣ ଯାହାପାଇଁ ଏତେ ସନ୍ଦେହ, ଅଭିଯୋଗ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ସର୍ବଭାରତୀୟ ନିଟ୍ ପିଜି ୨୦୨୪ ପରୀକ୍ଷାର ଶେଷ ମୁହୂର୍ତ୍ତରେ ସ୍ଥଗିତ କରିବା ନିଷ୍ପତ୍ତିକୁ ମେଡ଼ିକାଲ ସର୍ଭିସ ସେଣ୍ଟର (ଏମ୍ଏସସି) ଓଡ଼ିଶା ରାଜ୍ୟ କମିଟିର ସଭାପତି ଡାକ୍ତର ସୁରଜିତ ସାହୁ, ଉପସଭାପତି ବିଶିଷ୍ଟ ବାକ୍ ଶ୍ରବଣ ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବିଶ୍ୱାଳ ଓ ସମ୍ପାଦକ ଡାକ୍ତର ପ୍ରାଜ୍ଞ ଅର୍ନିବାଣ ଦୃଢ଼ ନିନ୍ଦା କରିଛନ୍ତି। ପ୍ରକାଶ ଥାଉକି ସର୍ବଭାରତୀୟ ନିଟ୍ ପିଜି ୨୦୨୪ ପରୀକ୍ଷା ଆଜି ଅର୍ଥାତ୍ ୨୩/୦୬ରେ ହେବାକୁ ଥିବାବେଳେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବେ ଗତକାଲି ରାତିରେ ଏହି ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଗଲା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ବିଜ୍ଞପ୍ତି ପ୍ରକାଶ ପାଇଲା ଯାହାଦ୍ୱାରା ସମଗ୍ର ଦେଶରେ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ମାନସିକ ଚାପ ସହ ନିର୍ଯାତନା ଓ ଆର୍ଥିକ ବୋଝର ଶିକାର ହେଲେ। ନିଟ୍ ୟୁଜି ୨୦୨୪ ଓ ଅନ୍ୟାନ୍ୟ ପ୍ରତିଯୋଗିତା ମୂଳକ ପରୀକ୍ଷା ସମ୍ବନ୍ଧୀୟ ଦୁର୍ନୀତି ପ୍ରକାଶ ପାଇବା ସତ୍ତ୍ୱେ ଗତ ତିନି ସପ୍ତାହ ମଧ୍ୟରେ ସରକାର ଦାବି କରିଛନ୍ତି ଯେ ନିଟ ୟୁଜି ୨୦୨୪ରେ କୌଣସି ଦୁର୍ନୀତି ହୋଇନାହିଁ। ବର୍ତ୍ତମାନର ପରୀକ୍ଷା ସ୍ଥଗିତ ଘୋଷଣା ଦ୍ୱାରା ସେମାନେ ଏହି ସମସ୍ତ ପରୀକ୍ଷା ପରିଚାଳନା ପାଇଁ ଏକ କେନ୍ଦ୍ରୀୟ ସଂସ୍ଥା ଭାବରେ ସେମାନଙ୍କର ବିଫଳତା, ଅବହେଳା ଓ ଅକ୍ଷମତାକୁ ଗ୍ରହଣ କରୁଛନ୍ତି। ସରକାରଙ୍କ ଏହି ରାତି ଅଧିଆ ନିଷ୍ପତ୍ତି ସୂଚାଉଛି ଯେ, ନିଟ୍ ପିଜି ୨୦୨୪ ପରୀକ୍ଷା ବ୍ୟବସ୍ଥାରେ ଏବଂ ଜାତୀୟ ପରୀକ୍ଷା ବୋର୍ଡ଼ (ଏନବିଇ)ରେ ମଧ୍ୟ ଦୁର୍ନୀତି ହୋଇଛି। ନିଟ୍ ୟୁଜି ୨୦୨୪ ପରି ନିଟ୍ ପିଜି ୨୦୨୪ର ସ୍ଥଗିତା ପୁଣି ଥରେ ପ୍ରମାଣ କରେ ଯେ ଏକ କେନ୍ଦ୍ରୀଭୂତ ପରୀକ୍ଷା ବ୍ୟବସ୍ଥା ଦୁର୍ନୀତି ବନ୍ଦ କରିବା ପାଇଁ କେବେ ବି ଏକ ସମାଧାନର ରାସ୍ତା ହୋଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଆମେ ସରକାରଙ୍କ ନିକଟରେ ଦାବି କରୁଅଛୁ ଯେ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଯଥା ଶୀଘ୍ର ପରବର୍ତ୍ତୀ ପରୀକ୍ଷା ତାରିଖ ଘୋଷଣା କରନ୍ତୁ ଏବଂ ଏହି ଅପ୍ରତ୍ୟାଶିତ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ସେଥିରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରନ୍ତୁ। ଡାକ୍ତରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ଉନ୍ନତ ନୀତି ନୈତିକତାକୁ ବଜାୟ ରଖିବା ପାଇଁ ଓଡ଼ିଶାର ସମସ୍ତ କନିଷ୍ଠ ତଥା ବରିଷ୍ଠ ଡାକ୍ତର, ଡାକ୍ତରୀ ଶିକ୍ଷକ, ଡାକ୍ତରୀ ଛାତ୍ର ସମୁଦାୟଙ୍କୁ ଏହି ମହା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ମେଡ଼ିକାଲ ସର୍ଭିସ ସେଣ୍ଟର (ଏମଏସସି) ଓଡ଼ିଶା ରାଜ୍ୟ କମିଟି ପାଖରୁ ଆମେ ଅନୁରୋଧ କରୁଅଛୁ। ମାର୍କିଂ ପଦ୍ଧତିକୁ କାହିଁକି ପରୀକ୍ଷା ପରେ କ୍ଲିଅର କରାଯାଉନାହିଁ। ଯେତେବେଳେ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହେଉଛି ସେତିକିବେଳେ ସ୍ପଷ୍ଟୀକରଣ ଦିଆଯାଇ ପିଲାମାନଙ୍କୁ ଆଶ୍ୱସ୍ତ କରାଯାଇପାରନ୍ତା। ଏହା ବିଳମ୍ବରେ ଘଟୁଥିବାରୁ ସବୁରି ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

*'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦*

# ମୁଖ୍ୟ କହ

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ମାନସିକ ଚାପ, ଉତ୍କଣ୍ଠା, ଉଦବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ ବଢ଼ି ବଢ଼ି ଚାଲିଛି। ଏଭଳି ସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ବିକଳ୍ପ। ଜଣଙ୍କର ଯେତେ ଶାରୀରିକ ସାମର୍ଥ୍ୟ ଥିଲେ ମଧ୍ୟ ମାନସିକ ସ୍ତରରେ ସେ ସୁସ୍ଥ ରହିବା ନିହାତି ଜରୁରୀ। ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ନିଜକୁ ସୁସ୍ଥ ରଖିବା ପାଇଁ ଏକ ସହଜ ତଥା ସରଳ ଉପାୟ ଅବଲମ୍ବନ କରିପାରନ୍ତି। କାରଣ ଏହି ଉପାୟଟି ବର୍ତ୍ତମାନ ବେଶ ଆଦୃତ ହୋଇସାରିଛି। ତାହା ହେଲା ଯୋଗ। ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ଏହା ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ନିୟମିତ ଯୋଗ କରି ଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ ଓ ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି। ଯୋଗ ହେଉଛି ଏକଧରଣର ଐତିହ୍ୟବାହୀ ଶାରୀରବୃତ୍ତ ମାନସିକ ସାଧନା ପ୍ରଣାଳୀ। ଆମ ଦେଶ ଭାରତ ହିଁ ଯୋଗର ଜନ୍ମଭୂମି। ଯୋଗ ଶବ୍ଦଟିର ଆକ୍ଷରିକ ଅର୍ଥ ଯୁକ୍ତ କରିବା ବା ଐକବଦ୍ଧ କରିବା। ସମ୍ପ୍ରତି ଯୋଗ ସାରା ବିଶ୍ୱରେ ବେଶ ଜନପ୍ରିୟ ହୋଇଉଠିଛି। ଯୋଗକୁ ଆହୁରି ବ୍ୟାପକ ଭାବରେ ବିଶ୍ୱରେ ପ୍ରତିଷ୍ଠିତ କରାଇବା ଉଦ୍ଦେଶ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ଡିସେମ୍ବରରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ୧୭୭ ରାଷ୍ଟ୍ର। ତେବେ ଏଥିପାଇଁ ଜୁନ ୨୧କୁ ଚୟନ କରିବାର କାରଣ ହେଲା ଏହି ଦିନ ସୂର୍ଯ୍ୟ ଆକାଶରେ ସବୁଠାରୁ ଉତ୍ତରରେ କର୍କଟକ୍ରାନ୍ତି ଉପରେ ପହଞ୍ଚିଥାନ୍ତି ଓ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଏହି ଦିବସଟି ବର୍ଷରେ ଦୀର୍ଘତମ। ୨୦୧୫ରୁ ଜୁନ ୨୧ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଉକ୍ତ ଦିବସର ବାର୍ତ୍ତା ରହିଛି 'ମହିଳା ସଶକ୍ତୀକରଣ ପାଇଁ ଯୋଗ'। ଏହି ବାର୍ତ୍ତାର ତାତ୍ପର୍ଯ୍ୟ ହେଉଛି ଯୋଗ ମାଧ୍ୟମରେ ମହିଳାମାନଙ୍କର ଶାରୀରିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ଲାଭ। ସେମାନଙ୍କର ଶାରୀରିକ, ମନସ୍ତାତ୍ତ୍ୱିକ, ଆବେଗିକ, ସାମାଜିକ ଓ ଆଧାତ୍ମିକ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ଯୋଗ ଏକ ବଳିଷ୍ଠ ମାଧ୍ୟମ। ମହିଳାମାନଙ୍କର ରହିଛି କେତେକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସମସ୍ୟା ଓ



ଶୁଭଶ୍ରୀ ମିଶ୍ର

ସେହିସବୁ ସମସ୍ୟାର ଉପଶମ ପାଇଁ ଯୋଗ ବେଶ ସହାୟକ ହୋଇପାରିବ। ମହିଳାମାନେ ପରିବାରର ମେରୁଦଣ୍ଡ ସଦୃଶ। ସେମାନଙ୍କର ସାମୂହିକ ଶକ୍ତି ମଧ୍ୟ ରାଷ୍ଟ୍ର ତଥା ବିଶ୍ୱର ମେରୁଦଣ୍ଡ ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଅବହେଳିତ ହେଲେ ପରିବାରରେ ଶିଶୁ ବୃଦ୍ଧାବୃଦ୍ଧ, ରୋଗୀ ଓ ଅତିଥିମାନେ ଅବହେଳିତ ହୋଇପଡ଼ିବେ। ସୁତରାଂ ମହିଳାମାନେ ସୁସ୍ଥ ଏବଂ ସଶକ୍ତ ରହିବା ସମାଜ ତଥା ରାଷ୍ଟ୍ରର ସ୍ୱାର୍ଥ ପାଇଁ ଅପରିହାର୍ଯ୍ୟ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରେଇବା ଏବଂ ସୁସ୍ଥ ରହିବା ନିମନ୍ତେ ନିୟମିତ ଯୋଗ ବ୍ୟାୟାମ କରିବା ନିମିତ୍ତ ସେମାନଙ୍କୁ ଅନୁପ୍ରେରଣା ଦେବା।

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜକୁ ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। ସକାରାତ୍ମକ ମାନସିକତା ଏବଂ ଯୋଗ ବିଷୟକୁ ନେଇ ନିକଟରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡ଼ୁଛି ତାହା ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ ରଖିବାକୁ ହେଲେ ଯୋଗ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ ଭାବେ ହୁଏ। ତା ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ମାନସିକ ଭାରସାମ୍ୟ ଠିକ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,*

# ପଦ୍ମଶ୍ରୀ ବିନୋଦ କାନୁନଗୋ ଓଡ଼ିଶାର ଏକ ଅନନ୍ୟ ବ୍ୟକ୍ତିତ୍ୱ

ଓଡ଼ିଆ ଭାଷା ଜ୍ଞାନ କୋଷ ଓ ଜ୍ଞାନ ମଣ୍ଡଳ ର ମୂଳ ପ୍ରଣେତା ସ୍ୱର୍ଗତ ପଦ୍ମଶ୍ରୀ ବିନୋଦ କାନୁନଗୋ ୬ ଜୁନ ୧୯୧୨ ମସିହାରେ କଟକ ଜିଲ୍ଲାର କିଶାନ୍ ନଗର ଥାନାର ମଲିପୁର ଗ୍ରାମରେ କେଶବ ଚନ୍ଦ୍ର କାନୁନଗୋ ଓ ପିର କାନୁନଗୋ ଙ୍କ ସନ୍ତାନ ଭାବରେ ଜନ୍ମ ଗ୍ରହଣ କରିଥିଲେ। ଶିଶୁ ଓ କିଶୋର ମାନଙ୍କ ପାଇଁ ସେ ଅନେକ ଶିକ୍ଷଣୀୟ ପୁସ୍ତକ ରଚ଼ନା କରିଛନ୍ତି। ବିନୋଦ କାନୁନଗୋ ପ୍ରଥମେ ଗାଁ ଚ଼ାଟଶାଳୀ ରେ ଅବଧାନ ଙ୍କ ନିକଟରେ ପାଠ ପଢିବା ପରେ ନିଜ ମାମୁଁ ଘର ଗାଁ ପାଟକୁରା କୁ ଚ଼ାଲି ଯାଇଥିଲେ । ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ଯିଏକି ଓଡ଼ିଆ ଭାଷା ଓ ସଂସ୍କୃତ ସାହିତ୍ୟ ର ଜଣେ ପଣ୍ଡିତ ଓ ଗବେଷକ ଥିଲେ ଓ ସେ ମଧ୍ୟ ଥିଲେ ବିନୋଦ କାନୁନଗୋ ଙ୍କ ମାମୁଁ । ।୧୯୨୨ ରେ ସେ କଟକ ଆସି ୧୯୨୭ ରେ ରାଣୀହାଟ ସ୍କୁଲ ରୁ କୃତିତ୍ୱ ର ସହିତ ଉତ୍ତୀର୍ଣ୍ଣ ହୋଇ ଛାତ୍ର ବୃତ୍ତି ଲାଭ କରିଥିଲେ ଓ ରେଭେନ୍ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଥିଲେ ।ସେହି ସମୟରେ ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ସ୍କୁଲ ରୁ ନାମ କାଟି ଦିଆଗଲା ଓ ୧୯୩୦ ନଭେମ୍ବର ୧୬ ତାରିଖ ରେ ପ୍ରଥମ କରି ଜେଲ ଗଲେ । ପୁଣି ମହାତ୍ମା ଗାନ୍ଧୀଙ୍କ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ପଦ ଯାତ୍ରା ରେ ଭାଗ ନେଇ ୧୯୩୪ ରେ ' ସମାଜ ' ସମ୍ବାଦ ପତ୍ର ର ବିଶେଷ ସମ୍ବାଦଦାତା ଭାବରେ ବିସ୍ତୃତ ବିବରଣୀ ପଠାଉଥିଲେ । ୧୯୧୮ ରେ ଉତ୍କଳମଣି ଗୋପବନ୍ଧୁ ଦାସ ଅଭିମାନ ଓ କ୍ଷୋଭ ର ସହିତ କହିଥିଲେ ଯେ 'ଓଡ଼ିଶାରେ ଧନ ସହିତ ବିଦ୍ୟାର ଯୋଗ ନାହିଁ ।ପୁଣି ଧନୀ ଓ ଜ୍ଞାନୀ ମାନଙ୍କ ସହଯୋଗିତା ନାହିଁ ତେଣୁ ନିକଟ ଭବିଶ୍ୱତ ରେ ଇଁଶୈକ୍ଲୋପିଡ଼ିଆ ଭଳି ଗୋଟିଏ କାର୍ଯ୍ୟ ସ୍ୱପ୍ନ ରେ ରହିଯିବ କି ?' ଏହି ଆହ୍ୱାନ କୁ ଆଧେୟ କରି ବିନୋଦ କାନୁନଗୋ ସେତେବେଳେ କହିଥିଲେ ଯେ ମୁଁ ଜଣେ ଦଶମ ଶ୍ରେଣୀ ର ଅଧା ପାଠୁଆ ଲୋକ ଯେଉଁ ଦିନ ଗାନ୍ଧୀ ଙ୍କ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲି ସ୍କୁଲ ସିନା ଛାଡିଲି କିନ୍ତୁ ପାଠ ଛାଡ଼ିବି ନାହିଁ। ସେ ତାଙ୍କର ଅନବଦ୍ୟ ସୃଷ୍ଟି ପାଇଁ ଓଡ଼ିଆ ଭାଷା ଓ ଜାତିକୁ ଯେଉଁ ଜ୍ଞାନ ଯୁଗ ଆଡ଼କୁ ଅଗ୍ରସର କରାଇଛନ୍ତି ତାର ପଟାନ୍ତର ନାହିଁ। ତାଙ୍କର ଉତ୍ସାହ ,ନିଷ୍ଠାପର ଉଦ୍ୟମ ଏବଂ ଲକ୍ଷ୍ୟ ହାସଲ ପାଇଁ ପ୍ରତିଶ୍ରୁତି ବଦ୍ଧତା ହିଁ ତାଙ୍କୁ ନିଜ କର୍ମ ରେ ଆଗେଇ ଯିବାକୁ ସାହାଯ୍ୟ କରିଥିଲା ।ସେ ସବୁବେଳେ କହୁଥିଲେ ଯେ 'ମୁଁ ଏକ ମନୁଷ୍ୟ ଅନ୍ୟ ପ୍ରାଣୀ ମାନଙ୍କ ତୁଳନା ରେ ମୋର ଗୋଟିଏ ଉନ୍ନତ ମସ୍ତିଷ୍କ ଅଛି ।ତେଣୁ ଜଗତର ଯେ କୌଣସି କଥା ଜାଣିବା ପାଇଁ ଆଗ୍ରହ ହେବ ସ୍ୱାଭାବିକ ଓ ମନୁଷ୍ୟ ହୋଇଥିବାରୁ ଜ୍ଞାନ ହାସଲ କରିବା ମୋର ଜନ୍ମଗତ ଅଧିକାର ।ମୋତେ କେହି ଏଥିରୁ ବଞ୍ଚିତ କରି ପାରିବେ ନାହିଁ। ଆମେ ଓଡ଼ିଆ ଆମର ଉନ୍ନତ ଭାଷା ଅଛି ।ଦୁନିଆ ର ସବୁଆଡେ ଯେତେବେଳେ ଏନସାଇକ୍ଲପିଡିଆ ପାଉଛି



ପ୍ରଦୀପ୍ତ କୁମାର କର

ଆମେ କଣ ସେଭଳି କିଛି କରି ପାରିବା ନାହିଁ। ଏ ପ୍ରଶ୍ନ ଯେତେବେଳେ ମୋ ମନରେ ଆସିଛି ମୁଁ ବ୍ୟଥିତ ହୋଇ ପଡୁଛି ' ।ଏହି ବିଷୟ ରେ ଚ଼ିନ୍ତା କରି ସେ ୧୯୫୪ ରେ ଗୋଟିଏ ଯୋଜନା କରି ଜ୍ଞାନ ମଣ୍ଡଳ ର ପ୍ରଥମ ଭାଗ ୧୯୬୦ ରେ ପ୍ରକାଶ କଲେ ।ମାତ୍ର ଗୋଟିଏ ଟଙ୍କା ଖର୍ଚ୍ଚ କରି ସେ ଜ୍ଞାନ କୋଷ ଓ ଜ୍ଞାନ ମଣ୍ଡଳ ପ୍ରଣୟନ କରିଥିଲେ । ଏଥିପାଇଁ ତାଙ୍କୁ ଅନେକ କଷ୍ଟ ଭୋଗିବା ପାଇଁ ହୋଇଥିଲା ।ଘଣ୍ଟା ଘଣ୍ଟା ଧରି ସେ ବିନିକା ପାଠାଗାର ରେ ରହି ବିଭିନ୍ନ ପ୍ରକାରର ପୁସ୍ତକ ଅଧ୍ୟୟନ କରି ଓ ଅନେକ ପତ୍ର ,ପତ୍ରିକା ର କଟିଂ ରଖିବା ପରେ ୪୦ ରୁ ୫୦ ହଜାର ଫାଇଲ ସୃଷ୍ଟି କଲେ । ତାପରେ ଧୀରେ ଧୀରେ ଆଗକୁ ବଢ଼ି ୬୦ ଖଣ୍ଡରେ ପ୍ରକାଶିତ ହେବାକୁ ଥିବା ଏହି ପୁସ୍ତକ ୨୨ ଜୁନ ୧୯୯୦ ବେଳକୁ ୪୦ ଖଣ୍ଡ ଉନ୍‌ମୋଚ଼ିତ ହୋଇଥିଲା ।ଯାହାର ପ୍ରଥମ ଭାଗ ୨.୧୨.୧୯୬୦ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ଼ଃ. ହରେକୃଷ୍ଣ ମହତାବ ଙ୍କ ଦ୍ୱାରା ଉନ୍‌ମୋଚ଼ିତ ହୋଇଥିଲା।

କଥିତ ଅଛି ଯେ ତ୍ରୟୋଦଶ ଶତାବ୍ଦୀ ରେ ମଧ୍ୟ ଯୁଗର ପ୍ରଖ୍ୟାତ ଇଂରାଜୀ ବୈଜ୍ଞାନିକ ରୋଜର ବେକନ୍ ବିଶ୍ୱ ର ।ସର୍ବ ପ୍ରଥମ ଜ୍ଞାନ କୋଷ ର ରଚ଼ନା କରିଥିଲେ ।କିନ୍ତୁ ତାହା ଲୋକଲୋଚ଼ନକୁ ଆସିବା ଆଗରୁ କେଉଁଆଡେ ଅଦୃଶ୍ୟ ହୋଇଗଲା ତାର ହିସାବ ନାହିଁ ।ଏହାର ପ୍ରାୟ ୫ ଶହ ବର୍ଷ ପରେ ଏନସାଇକ୍ଲପିଡିଆ ବ୍ରୀଟାନିକା ର ଆବିର୍ଭାବ ହେଲା ।ତେଣୁ ଜ୍ଞାନ ମଣ୍ଡଳ ପ୍ରଣୟନ କରିବା କେତେ ଦୁଃସାଧ ଏହିଥିରୁ ଅନୁମେୟ । ତେଣୁ ବିନୋଦ କାନୁନଗୋ ଏହି ଜ୍ଞାନ ମଣ୍ଡଳ ଓ ଜ୍ଞାନ କୋଷ ପ୍ରକାଶନ ପାଇଁ କେତେ କଷ୍ଟ ଉଠାଇ ନ ଥିବେ । ତାଙ୍କ ରଚ଼ିତ ଏହି ଇନ୍ସାଇକ୍ଲୋପିଡ଼ିଆ କୁ ୩ ଭାଗ ରେ ବିଭକ୍ତ କରାଯାଇଛି ୧) ବିଶେଷଜ୍ଞ ମାନଙ୍କ ପାଇଁ ରେଫରେନ୍ସ ଇଁସିକ୍ଲୋପିଡିଆ, ୨) କିଶୋର ,ଓ ଶିଶୁ ମାନଙ୍କ ପାଇଁ ଚ଼ିତ୍ର ବହୁଳ ଓ ସରଳ ଭାଷାରେ ଚ଼ିଲ୍ଡରେନ୍ ଏନସାଇକ୍ଲୋପିଡିଆ ,୩)ସର୍ବସାଧାରଣ ଙ୍କ ପାଇଁ ଜନପ୍ରିୟ ସହଜବୋଧ ପାପୁଲାର ଏନସାଇକ୍ଲୋପିଡିଆ ରଚ଼ନା କରିଥିଲେ। ଏହା ଛଡ଼ା ସ୍ୱର୍ଗତ କାନୁନଗୋ ଜଣେ ମହାନ୍ ଶିଶୁ ସାହିତ୍ୟକ ଥିଲେ ।ପ୍ରସ୍ତର ଯୁଗର ମାନବ ସମ୍ବନ୍ଧରେ ରଚ଼ିତ ୩୬୫ ଦିନ ସିରିଜ୍ ପାଇଁ ତାଙ୍କୁ ୧୯୮୦ ରେ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ପୁଣି ଥରେ ତାଙ୍କ ରଚ଼ିତ 'ଋଣ ପରିଶୋଧ 'ଓ 'ଆଉରି ନିଅ ବରକୋଳି ' ପାଇଁ ୧୯୮୪ ରେ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଏହି ଦୁଇ ପୁସ୍ତକ ରେ ତାଙ୍କର ପିଲାଦିନ ର ସ୍ମୃତି କୁ ସେ ଯେପରି ଭାବରେ ଉପସ୍ଥାପନା କରିଛନ୍ତି ତାହା ଯେ କୌଣସି ବୟସ ର ପାଠକ ଙ୍କୁ ମୁଗ୍ଧ କରିବ ।

ତାଙ୍କର ଏହି ସବୁ ଅନବଦ୍ୟ ଅବଦାନ ପାଇଁ ତାଙ୍କୁ ୧୯୮୬ ରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧି ରେ ସମ୍ମାନିତ କରାଯାଇଥିଲା।

୧୯୮୬ ରେ ପିଲାଙ୍କ ପାଇଁ ଲିଖିତ ବିଜ୍ଞାନ ପୁସ୍ତକ ଦୂରଦର୍ଶନ ରେ ପ୍ରଚ଼ାର ପାଇଁ ମାଦ୍ରାଜ୍ ରେ ଅନୁଷ୍ଠିତ ଜାତୀୟ ବିଶ୍ୱ କୋଷ ସମ୍ମିଳନୀ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏମ . ଜି . ରାମ ଚ଼ନ୍ଦ୍ରଣ ଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ।

ଏହିପରି ଅନେକ ସମ୍ମାନ ରେ ସମ୍ମାନିତ ଓ ଅନେକ ପୁସ୍ତକ ରଚ଼ନା କରି ବିନୋଦ କାନୁନଗୋ ୧୯୯୦ ଜୁନ ୨୨ ତାରିଖରେ ମହାପ୍ରୟାଣ ହେଲେ ।

ତାଙ୍କର ବିଭିନ୍ନ ସଂସ୍କରଣ ଓ ପ୍ରକାଶନ ପାଇଁ ସାରା ଓଡିଶା ତଥା ଭାରତ ରେ ସର୍ବଦା ବିନୋଦ କାନୁନଗୋ ଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରେ ଲିଖିତ ହୋଇ ରହିବ ।

*ପ୍ଲଟ ନଂ ୨୫ ସୂର୍ଯ୍ୟ ନଗର ଭୁବନେଶ୍ୱର ୯୮୬୧୦୭୫୪୦୪.*




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେଓ୍ୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେଓ୍ୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେଓ୍ୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେଓ୍ୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେଓ୍ୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମଂ ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ ଅନୁଧାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୂବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି – ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟେ ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ତାଳଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡ଼ିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଥମ୍ବ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟୁଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼-ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା । ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେଂାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା । ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛଁି । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ । ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ । ଯାଜପୁର-କେନ୍ଦୁଝର - ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ । ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛଁି । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।






# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

# ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday June 26, 2024 ଭୁବନେଶ୍ୱର ବୁଧବାର, ଜୁନ ୨୬,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର ଉଦଯାପିତ

ବ୍ରହ୍ମପୁର,କୁକୁଡାଖଣ୍ଡି,(ପି.ଏନ): ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ପକ୍ଷରୁ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଦୀର୍ଘ ଏକ ମାସ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଶୁକ୍ଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତଥା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡକ୍ଟର ଗୀତାଞ୍ଜଳି ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଜାତୀୟ ପଦକ ପ୍ରାପ୍ତ କ୍ରୀଡ଼ାବିତ ତଥା ସେଣ୍ଟ୍ରାଲ ଏକ୍ସାଇଜ ଏବଂ କଷ୍ଟମସ ବିଭାଗର ଅଧିକ୍ଷକ ଡି. ବିଜୟ କୁମାର ଯୋଗ ଦେଇଥିଲେ। ଉତ୍ସବରେ କ୍ରୀଡାବିତ ମିତେନ୍ ଭୂୟାଁ ଏବଂ ଜିଲ୍ଲା ସମ୍ପାଦକ ସୁରେଶ ଚ଼ନ୍ଦ୍ର ପାଢି, ମୁଖ୍ୟ କୋଚ୍ ତଥା (ଏନ ଆଇ ଏସ୍) କୋଚ୍ ପ୍ରଶାନ୍ତ କୁମାର ରଥ, କୋଷାଧକ୍ଷ ଡକ୍ଟର ମନୋଜ କୁମାର ପାତ୍ର, ସମାଜସେବୀ ମିଟୁ ସାବତ, ପ୍ରିୟବ୍ରତ ପାଣିଗ୍ରାହୀ ଏବଂ କ୍ରୀଡାବିତ ବିରଳା ପ୍ରସାଦ ମାଝୀ, ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିର ଅଧକ୍ଷ ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ହ୍ୟାଣ୍ଡବଲ ଖେଳ ପ୍ରତି ପିଲାଙ୍କ ଆଗ୍ରହ ଓ ନିଷ୍ଠା ସହ ମିଳୁଥିବା ସଫଳତାକୁ ଦୃଷ୍ଟିରେ ରଖି ଚ଼ଳିତ ବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ଆୟୋଜନ କରିବା ନେଇ ମୁଖ୍ୟଅତିଥି ପ୍ରଫେସର ଦାଶ ଖେଳାଳିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥି ସହିତ ହ୍ୟାଣ୍ଡବଲ ଖେଳପଡିଆର ଉନ୍ନତି କରିବା ପାଇଁ ସେ ଧ୍ୟାନ ଦେବେ ବୋଲି କହିଥିଲେ। ସେହିଭଳି ସମ୍ମାନିତ ଅତିଥି ତଥା ବିଶିଷ୍ଟ କ୍ରୀଡ଼ାବିତ ଡି ବିଜୟ କୁମାର









ପିଲାମାନଙ୍କୁ ଖେଳରେ ଆଗେଇ ଆଣିବାକୁ ହେଲେ ଅଭିଭାବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଖେଳିବା ଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥତା ରହିବା ସହ ଭବିଷ୍ୟତ ଗଠନରେ ମଧ ବେଶ ସହାୟକ ହେବ ବୋଲି ପରାମର୍ଶ ଦେଇଥିଲେ। ଏହି ଶିବିର ଗତ ମେ ୩ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଏଥିରେ ସହରର ତଥା ଉପକଣ୍ଠରେ ଥିବା ବିଭିନ୍ନ ବିଦ୍ୟାଳୟରୁ ବିଭିନ୍ନ ବର୍ଗରେ ପ୍ରାୟ ୨୫୦ ଜଣ ଉତ୍ସାହି ଖେଳାଳି ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଦୀର୍ଘ ଏକ ମାସ ଧରି ଚ଼ାଲିଥିବା ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଏନ୍ ଆଇ ଏସ୍ କୋଚ଼ ପ୍ରଶାନ୍ତ କୁମାର ରଥଙ୍କ ସହ ବହୁ ସିନିଅର ଖେଳାଳି ଅକ୍ଳାନ୍ତ ପରିଶ୍ରମ କରି ଶିବିରାର୍ଥୀଙ୍କୁ ବିଭିନ୍ନ କୌଶଳ ସମ୍ପର୍କିତ ତାଲିମ ଦେଇଥିଲେ। ଶେଷରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ବିଶିଷ୍ଟ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ରଥ ଓ ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ସୁରେଶ ଚ଼ନ୍ଦ୍ର ପାଢିଙ୍କୁ ସେମାନଙ୍କ ନିଷ୍ପାପର କାର୍ଯ୍ୟ ପାଇଁ ସଙ୍ଘ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପରେ ସଙ୍ଘ ପକ୍ଷରୁ ଉଭୟ ମୁଖ୍ୟ ଅତିଥି ପ୍ରଫେସର ଦାଶ ଓ ସମ୍ମାନିତ ଅତିଥି ବିଜୟ କୁମାରଙ୍କୁ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ଶୁକ୍ଳଙ୍କ ଦ୍ୱାରା ଓ ଅନ୍ୟତମ ଅତିଥି ସୁବ୍ରତ ପାଣିଗ୍ରାହୀ, ବିରଳା ପ୍ରସାଦ ମାଝି ଓ ମିତେନ ଭୂୟାଁଙ୍କୁ ସମ୍ପାଦକ ସୁରେଶ ଚ଼ନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ପଦକ ସହ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଚ଼ଳିତ ବର୍ଷ ହେବାକୁ ଥିବା ବିଭିନ୍ନ ଅନ୍ତଃଜିଲ୍ଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏହି ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରୁ ଟିମ ଚ଼ୟନ କରାଯିବ ବୋଲି ଜିଲ୍ଲା କର୍ମକର୍ତ୍ତାମାନେ ସୂଚ଼ନା ଦେଇଛନ୍ତି। ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରର ଉଦଯାପନି ଉତ୍ସବକୁ ସଂଘର ସାଙ୍ଗଠନିକ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଖେଳାଳିମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାମୁହିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦୀର୍ଘ ଏକ ମାସ ଧରି ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସିନିୟର ଖେଳାଳି, ଖେଳପ୍ରେମୀଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡାଶିକ୍ଷକ, ସଂଘର ସଭାପତି ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ କୁମାର ଶତପଥୀଙ୍କ ଆକୁଣ୍ଠ ସାହାଯ୍ୟ ଓ ସହଯୋଗ ରହିଆସିଛି।

## ୬୪ ଯୋଗିନୀ ପୀଠର ଉନ୍ନତି ଖୁବ୍ ଶୀଘ୍ର ହେବ

ବାଲିଅନ୍ତା, (ପି.ଏନ): ସାଧାରଣନିର୍ବାଚ଼ନ ଗଣତି ଅବ୍ୟବହିତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ବିଜେପି ଲୋକସଭା ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସପତ୍ନୀଙ୍କ ସହ ପ୍ରସିଦ୍ଧ ତନ୍ତ୍ରପିଠ ୬୪ ଯୋଗିନୀ ପିଠ ପରିଦର୍ଶନରେ ଆସିଥିଲେ । ଶ୍ରୀ ପ୍ରଧାନ ପହଞ୍ଚିବା ପରେ ପ୍ରଥମେ ଉମାଦେଇବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ରମାଲତା ନାୟକ, ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଯୁବ ସମାଜସେବୀ ତାପସ କୁମାର ମଲ୍ଲିକ ଉପଢୌକନ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ପରେ ପିଠ ପରିସରରେ ମୁଖ୍ୟଦେବୀ ମା' ମହାମାୟାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଏଥିସହ ମହାମାୟାଙ୍କୁ ଘେରି ରହିଥିବା ୬୪ ଯୋଗିନୀଙ୍କ ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ପରେ ପିଠ ପରିସରରେ ବୁଲିବାସହ ମନଲୋଭା କାରୁକାର୍ଯ୍ୟକୁ ଉପଭୋଗ କରିଥିଲେ । ସେହିପରି ପିଠ ପରିସରରେ ଥିବା ଶିବ ମନ୍ଦିରରେ ପୁଜାର୍ଚ୍ଚନା କରିଥିଲେ । ଶେଷରେ ପିଠର ମହାତ୍ମ୍ୟ ବିଷୟରେ ଉପସ୍ଥାପନା କରିବା ସହ ଏଥର ଓଡ଼ିଶାରେ ପରିବର୍ତ୍ତନ ଅବଶ୍ୟମ୍ଭାବ୍ୟ ବୋଲି ଉପସ୍ଥିତ ଗଣମାଧମ ପ୍ରତିନିଧିଙ୍କୁ କହିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ସାରାଦେଶ ତଥା ରାଜ୍ୟରେ ବହୁ ଜନମତ ମିଳିସାରିଛି । ସେହିପରି ଓଡ଼ିଶାରେ ସରକାର ଗଠନ ନେଇ ବିଭିନ୍ନ ମୁଦ୍ରିତ ଓ ସାମାଜିକ ଗଣମାଧମରେ ପ୍ରକାଶିତ ଜନମତ(ଏକଜିଟ ପୁଲ)କୁ ନେଇ ପ୍ରଶ୍ନରେ ସେ କହିଥିଲେ ଏହା ପୂର୍ବାନୁମାନ କରାଯାଇଛି । ଏହାର ସତ୍ୟାସତ୍ୟ ଗଣତି ପରେ ଜଣାପଡିବ । ସେହିପରି ଏହି ପିଠଟି ଭାରତୀୟ ପ୍ରତ୍ନତତ୍ତ୍ୱ (ଏଏସଆଇ) ଅଧିନରେ ଥିଲେ ମଧ ସେଭଳି ଆଖିଦୃଶିଆ ହୋଇନଥିବା କିଛି ସାମ୍ବାଦିକ ପ୍ରଶ୍ନ କରିବାରୁ ଏଥିପ୍ରତି ଖୁବଶୀଘ୍ର ଦୃଷ୍ଟି ଦିଆଯିବ ବୋଲି କହିଥିଲେ । ଏହି ସମୟରେ ବିଜେପି ନେତା ସିଦ୍ଧେଶ୍ୱର ନାଥ, ବିଜୟ ମହାରଣା, ସୁବାସ ଜେନା, ପ୍ରିୟବ୍ରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆ ରୂପରେ ଖୋଲିଲା ଗୀତାଞ୍ଜଳି ସେଲୁନ




ଭୁବନେଶ୍ୱର, (ପି.ଏନ): ଗୀତାଞ୍ଜଳି ସେଲୁନ୍ ପୁନର୍ବାର ନୂଆ ରୂପରେ ଖୋଲିଛି। ରସୁଲଗଡ଼ସ୍ଥିତ ନେକ୍ସସ ଏସ୍ପ୍ଲାନେଡ୍ ୱାନ ଠାରେ ୪୦୦୦ ବର୍ଗଫୁଟ ସ୍ଥାନରେ ନୂତନ ଆଭ୍ୟନ୍ତରୀଣ ସହିତ ସେଲୁନ୍‌ର ସମ୍ପ୍ରସାରଣ ଏବଂ ଶୁଭାରମ୍ଭ ହୋଇଛି। ଏଥିପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ଏହି ଅବସରରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିତ ତଥା ସେଲିବ୍ରିଟ ହେୟାର ଡିଜାଇନର ସୁମିତ ଇସ୍ରାନି କହିଛନ୍ତି। ଭୁବନେଶ୍ୱରର ଅଧିକ ସ୍ଥାନରେ ଆମର ଶାଖା ବିସ୍ତାର କରିବୁ ବୋଲି ସେ କହିଛନ୍ତି। ଏଠାରେ ଷ୍ଟାଇଲିସ ହେୟାରକଟ୍ ଠାରୁ ଆରମ୍ଭ କରି ଉନ୍ନତ ଚିକିତ୍ସା ଓ ରଙ୍ଗ, ସ୍କିନ କେୟାର, ବିଳାସପୂର୍ଣ୍ଣ ସ୍ପା ଚିକିତ୍ସା, ନେଲ୍ ଆର୍ଟ ଆଦି ସେବା ମିଳିବ।

## ପ୍ରଧାନଶିକ୍ଷକଙ୍କୁ ଅବସର କାଳୀନ ଅବସରରେ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସର କାଳୀନ ଅବସରରେ ତିନିଜଣ ପ୍ରଧାନ ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନସନ ରାଜ୍ୟରେ ପ୍ରଥମ ଥର କରି ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଉପସ୍ଥିତ ରହି ସିକୋ ଚ଼ନ୍ଦ୍ର ଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚ଼ନ୍ଦ୍ର ମାଣ୍ଡୋଇ, ପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଓ ଗୁରୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ପାଣିଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିଥିଲେ । ଏଥିରେ ଶିକ୍ଷକ ମାନେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ତରାଇଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



## କେନ୍ଦ୍ରାପଡା ବିଜେପି ପକ୍ଷରୁ କଳା ଦିବସ ପାଳନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ କଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ କାକଟସ୍ଥିତ ଏକ ବେସରକାରୀ ମଣ୍ଡପରେ ଜିଲ୍ଲା ବିଜେପି ଉପ ସଭାପତି ଅଭିମନ୍ୟୁ ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଆଳି ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡା ବିଧାନସଭା ନେତ୍ରୀ ଗୀତାଞ୍ଜଳୀ ସେଠୀ, ସାଧାରଣ ସମ୍ପାଦକ ଉପୀନ କୁମାର ରାଉତ, ଅମିତାଭ ସୁଆର ପ୍ରମୁଖ ଯୋଗ ଦେଇ ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଦେଶରେ ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧିନତାକୁ କଣ୍ଠରୋଧ କରି କିଭଳି ଜରୁରୀ କାଳୀନ ପରିସ୍ଥିତି ଲାଗୁ କରିଥିଲେ । ସରକାରଙ୍କ ବିରୋଧରେ ସ୍ୱର ଉତୋଳନ କରୁଥିବା ସମସ୍ତଙ୍କୁ ବଳ ପୂର୍ବକ ଜେଲଦଣ୍ଡ ଦିଆ ଯାଉଥିଲା। ସେହି ଦିନକୁ ସ୍ମରଣ କରି ବିଜେପି ପକ୍ଷରୁ କଳା ଦିବସ ପାଳନ କରାଯାଇ ଥାଏ । ଜରୁରୀ କାଳୀନ ପରିସ୍ଥିତି ସମୟରେ କାରାବରଣ କରିଥିବା ହରିଶ ଚନ୍ଦ୍ର ଜେନା, ରବି ନାରାୟଣ ପତି, ଦେବୀ ପ୍ରସାଦ ନାୟକ, ଉମାକାନ୍ତ ଦାସ, ବ୍ରଜ କିଶୋର ଓଝା, ଡମ୍ବରୁଧର ଘଡେଇ ଓ ନାରାୟଣ ପୃଷ୍ଟି ପ୍ରମୁଖଙ୍କୁ ଉ ରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ଜାନକୀ ପ୍ରଧାନ, ସଞ୍ଜୟ ରଥ, ପ୍ରସନ୍ନ ପଣ୍ଡା, ମନୀଷା ପଣ୍ଡା, ପ୍ରିୟଦର୍ଶିନୀ ନନ୍ଦ, ନେହେରୁ କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ନେତା ଓ ସଂଗ୍ରାମୀ ଉପସ୍ଥିତ ଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray